ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୬ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 JULY 2020

Vol.No. 30 ■ No. 168 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ଭକ୍ତ ପାଇଲେ ନୀଳାଚଳ ଅବଢ଼ା

ପୁରୀ,୫।୭ (ନି.ପ୍ର): ଦୀର୍ଘ ୧୨ ଦିନ ପରେ ଶ୍ରୀମନ୍ଦିରରୁ ନୀଳାଚଳ ଅଭଡ଼ା ବା ନୀଳାଦ୍ରି ଅବଢ଼ା ପାଇଛନ୍ତି ଭକ୍ତ । ବିଶ୍ୱାସ ରହିଛି ଏହି ଅବଢ଼ା ସେବନ ଓ ବ୍ରାହ୍ମଣ ଭୋଜନ ଦେଲେ ମହାପୂର୍ଣ୍ଣ୍ୟ ଲାଭ ହୋଇଥାଏ । ଗତକାଲି ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରେ ବିଜେ କରି ବଡ଼ସିଂହାର ବେଶ ଓ ବଡ଼ ସିଂହାର ଭୋଗ ସମାପନ ହୋଇଥିଲା । ପୂର୍ବରୁ ପରିଷ୍କାର ପରିଚ୍ଛନ୍ନ ଲିପା ପୋଛା ହୋଇ ରହିଥିବା ରୋଷଘର ଚୁଲାରେ ମହାପ୍ରସାଦ ରନ୍ଧନ କରାଯାଇଥିଲା । ବିଶ୍ୱାସ ରହିଛି, ମା ମହାଲକ୍ଷ୍ମୀ ଗତକାଲି ବିବାହ ଗଇଁଠାଳ ଫିଟାଯିବା ପରେ ପ୍ରଭୁଙ୍କ ପାଇଁ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ । ଏହି ଅବଢ଼ାର ଏକ ସ୍ୱତନ୍ତ୍ର ବାସ୍ନା ଓ ମହତ୍ୱ ରହିଛି । ଚଳିତ ବର୍ଷ ଶ୍ରୀମନ୍ଦିରକୁ ସାଧାରଣ ଭକ୍ତ କରୋନା କଟକଣା ଯୋଗୁଁ ପ୍ରବେଶ ବାରଣ କରାଯାଇଛି । ଆନନ୍ଦବଜାରକୁ ଭକ୍ତ ମାନେ ଯାଇପାରୁନାହାଁନ୍ତି ।

▶▶ପୃଷ୍ଠା ୭

ଯବାନ - ମାଓବାଦୀ ଗୁଳି ବିନିମୟ : ୪ ମାଓବାଦୀ ନିହତ

♦ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ବ୍ୟବହୃତ ସାମଗ୍ରୀ ଜବତ

♦ଟ୍ୱିଟ୍ ମାଧ୍ୟମରେ ଯବାନଙ୍କୁ ବଧାଇ ଜଣାଇଲେ ରାଜ୍ୟ ମୁଖ୍ୟ ଶାସନ ସଚିବ

କନ୍ଧମାଳ,୫।୭ (ନି.ପ୍ର): କନ୍ଧମାଳ ପୋଲିସକୁ ଆଜି ମିଳିଛି ବଡ଼ ସଫଳତା । କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ଅନ୍ତର୍ଗତ ସିର୍ଲା ଗ୍ରାମପଚାଂୟତର ଶିରିକୁଟି ଗ୍ରାମର ବଙ୍ଗେରି ପାହାଡ଼ରେ ଏସଓଜି, ଡ଼ିଭିଏଫ ଯବାନ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟରେ ୪ କ୍ୟାଡ଼ର ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ସର୍ଚ୍ଚ ଅପରେସନ ବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଆଜି ଭୋର୍ ପ୍ରାୟ ୫ଟା ସମୟରେ ଏସଓଜି ଓ ଡ଼ିଭିଏଫ ଯବାନ ମାନେ ସମ୍ପୃକ୍ତ ଅଂଚଳରେ କୁମ୍ବିଂ ଅପରେସନ ଚଳାଇଥିବା ବେଳେ ବଙ୍ଗେରି ପାହାଡ଼ରେ ସେମାନେ ମାଓବାଦୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ । ଉଭୟ ପକ୍ଷରୁ ବେଶ୍ କିଛି ସମୟ ଧରି ଗୁଳି ବିନିମୟ ହୋଇଥିଲା । ତେବେ ସୁଯୋଗ ଦେଖି ମାଓବାଦୀ ମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ଏହାପରେ ଯବାନ ମାନେ ସେଠାରେ ସର୍ଚ୍ଚ ଅପରେସନ ଜାରୀ ରଖିଥିଲେ । ଘଟଣାସ୍ଥଳରୁ ୪ ମାଓବାଦୀଙ୍କ ମୃତଦେହକୁ ଯବାନ ମାନେ ଜବତ କରିଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ମାଓନେତା ବାସୁ ଏବଂ ଅନ୍ୟ ଜଣେ ମହିଳା କ୍ୟାଡ଼ର ମାଓବାଦୀ ରହିଥିବା ବେଳେ ଅନ୍ୟ ଦୁଇ ଜଣ ଆଗ ଧାଡିର ମାଓବାଦୀ ଥିବା ଜଣାପଡିଛି । ସର୍ଚ୍ଚ ଅପରେସନ ବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ବ୍ୟବହୃତ ସାମଗ୍ରୀକୁ ଯବାନ ମାନେ ଜବତ କରିଛନ୍ତି । ଗୁଇନ୍ଦା ସୂଚନା ଆଧାରରରେ ଯବାନ ମାନେ ଏହି ଅଭିଯାନ ଚଳାଇଥିଲେ । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୨୬ ତାରିଖରେ କେକେବିଏନ ମାଓ ସଂଗଠନ ସହିଦ୍ ସପ୍ତାହ ପାଳନ କରିବାକୁ ଯାଉଛି ।

▶▶ପୃଷ୍ଠା ୭

ଲଦାଖ ସମେତ ଗୁଜୁରାଟ ଓ ମିଜୋରାମର ଭୂକମ୍ପର ଝଟକା



ନୂଆଦିଲ୍ଲୀ , ୦୫ ଜୁଲାଇ (ହି.ସ.) - କରୋନା ସଙ୍କଟ ମଧ୍ୟରେ ଦେଶରେ ବାରମ୍ବାର ଭୂକମ୍ପ ଅନୁଭୂତ ହେଉଛି । ରବିବାର ସକାଳେ ଲଦାଖରେ ଭୂକମ୍ପ ଘଟିଥିଲା, ତା'ପରେ ସନ୍ଧ୍ୟାରେ ଗୁଜୁରାଟ ଏବଂ ମିଜୋରାମରେ ୧୫ ମିନିଟର ବ୍ୟବଧାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ରବିବାର ସନ୍ଧ୍ୟା ୫.୧୧ ରେ ଗୁଜୁରାଟର କଚ୍ଛ ଅଂଚଳରେ ଭୂକମ୍ପ ହୋଇଥିଲା । ତା'ପରେ ୧୫ ମିନିଟ୍ ପରେ ମିଜୋରାମରେ ମଧ୍ୟ କମ୍ପନ ଅନୁଭୂତ ହେଲା । ଗୁଜୁରାଟର କଚ୍ଛରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୨ ମାପ କରାଯାଇଥିଲା । ଭୂକମ୍ପର କେନ୍ଦ୍ରବିନ୍ଦୁ ଭଚାଉ ନିକଟରେ ରହିଲା । ଏହାର ପ୍ରାୟ ୧୫ ମିନିଟ୍ ପରେ, ମିଜୋରାମର ଚମ୍ପାଇ ଜିଲ୍ଲାରେ ମଧ୍ୟ ଏକ ଭୂକମ୍ପ ହୋଇଥିଲା ଯେଉଁଠାରେ ଏହାର ତୀବ୍ରତା ୪.୬ ଥିଲା । ଏହାପୂର୍ବରୁ ଆଜି ଲଦାଖର କାର୍ଗିଲରେ ୩.୩୭ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୪.୭ ଥିଲା ।

ରାଜ୍ୟରେ ଆଉ ଦୁଇ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩୬ ହେଲା

ଭୁବନେଶ୍ୱର,୫।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଦୁଇଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଉଭୟଙ୍କ ମୃତ୍ୟୁ ହୋଇଛି । ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ଏହି ଦୁଇ ମୃତକଙ୍କ ମଧ୍ୟରୁ ଜଣେ ସୁନ୍ଦରଗଡ଼ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ଜଣେ ଗଜପତି ଜିଲ୍ଲାର । ଉଭୟ ସୁନ୍ଦରଗଡ଼ ଓ ଗଜପତି ଜିଲ୍ଲାରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ । ଉଭୟ ମୃତକ ପୁରୁଷ । ଗଜପତିର ମୃତକଙ୍କ ବୟସ ୪୯ ବର୍ଷ । ସୁନ୍ଦରଗଡ଼ ଜିଲ୍ଲାର ମୃତକ ଜଣକ ୬୪ ବର୍ଷ ବୟସ୍କ ପୁରୁଷ , ଯିଏ ମଧୁମେହରେ ମଧ୍ୟ ପୀଡ଼ିତ ଥିଲେ । ଏହା ଫଳରେ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୬ରେ ପହଂଚିଛି ।

ଆଉ ୪୬୯ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୯୦୭୦କୁ ବୃଦ୍ଧି

ଭୁବନେଶ୍ୱର, ୦୫ ଜୁଲାଇ - ରାଜ୍ୟରେ ଆଜି ଆଉ ୪୬୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୯୦୭୦କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୪୬୯ ଜଣଙ୍କ ମଧ୍ୟରୁ ୩୧୭ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୫୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ ଜଂଟାକୁ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ପଶ୍ଚିମ ବଙ୍ଗର ଅଙ୍ଗାନ ଡ୍ୟୁଟିରୁ ଫେରିଥିବା ଏନଡିଆରଏଫର ଚାରି ଜଣ ଜବାନ କରୋନା ଆକ୍ରାନ୍ତ ହୋଇଥିବା ମଧ୍ୟ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୧୧୬ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୧ ଜଣ,

▶▶ପୃଷ୍ଠା ୭

ଗତ ୨୪ ଘଂଟାରେ ଦେଶରେ ୨୪୮୫୦ ଟି କରୋନାର ନୂଆ ମାମଲା, ୬୧୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୫।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨୪୮୫୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୬,୭୩୧୬୫ କୁ ବୃଦ୍ଧି ପାଇଛି

ବୁଧବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ୨୪୪୮୧୪ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୧୯୨୬୮ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୪୦୯୦୮୩ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

ଓଡିଶାରେ ମୌସୁମୀ ବାୟୁ ସକ୍ରିୟ

୫ ଜିଲ୍ଲାକୁ ଅରେଞ୍ଜ୍ ,୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଙ୍ଗ କଲା ପାଣିପାଗ କେନ୍ଦ୍ର

ଭୁବନେଶ୍ୱର,୫।୭ (ନି.ପ୍ର): ଓଡିଶା ରେ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ଓଡିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏଥିସହ ଅତିପ୍ରବଳ ବର୍ଷା ସମ୍ଭାବନା ଥିବା ୫ଟି ଜିଲ୍ଲା କୁ ଅରେଞ୍ଜ ୱାର୍ଣ୍ଣିଙ୍ଗ ଏବଂ ପ୍ରବଳ ବର୍ଷା ପାଇଁ ୧୨ଟି ଜିଲ୍ଲା କୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ଅରେଂଜ ୱାର୍ଣ୍ଣିଙ୍ଗ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ସମ୍ବଲପୁର, ବରଗଡ , ସୋନପୁର, ଯାଜପୁର ଓ ଭଦ୍ରକ । ସେହିପରି ୟେଲୋ ୱାର୍ଣ୍ଣିଙ୍ଗ ଜାରି ହୋଇଥିବା ଜିଲ୍ଲାଗୁଡିକ ହେଲା କଟକ , କେନ୍ଦ୍ରାପଡା ,

▶▶ପୃଷ୍ଠା ୭

ବିଜେପିର ନବରଙ୍ଗପୁର ବିଧାନସଭାସ୍ତରୀୟ ଜନସମ୍ବାଦ ର୍ୟାଲି ଅନୁଷ୍ଠିତ

ଗରୀବଙ୍କର ମୁହଁରେ ହସ ଫୁଟାଇବା ପ୍ରଧାନମନ୍ତ୍ରୀଙ୍କର ମୂଳଦାୟୀତ୍ୱ: ଧର୍ମେନ୍ଦ୍ର

ନବରଙ୍ଗପୁର,୫।୭ (ନି.ପ୍ର): ଗରୀବଙ୍କର ବିକାଶ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମୂଳଦାୟୀତ୍ୱ ଓ ଭାରତବର୍ଷକୁ ପରମ ବୈଭବଶାଳୀ ସ୍ଥାନକୁ ନେବା ପ୍ରଧାନମନ୍ତ୍ରୀଙ୍କର ଏକମାତ୍ର ଲକ୍ଷ୍ୟ । "ସବକା ସାଥ୍ , ସବକା ବିକାଶ ଓ ସବକା ବିଶ୍ୱାସ" ମାଧ୍ୟମରେ ଦେଶରେ ସବୁଠୁ ତଳଶ୍ରେଣୀର ଗରୀବଙ୍କର ଜୀବନରେ ମୂଳଭୂତ ପରିବର୍ତନ କରିବା, ସେମାନଙ୍କର ମୁହଁରେ ହସ ଫୁଟାଇବା ଓ ଆର୍ଥୀକ ସଂପନ୍ନ କରିବା ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଏବଂ ଇସ୍ପାତମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅନୁଷ୍ଠିତ ଜନସମ୍ବାଦ ର୍ୟାଲୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାଜ୍ୟରେ ଅନୁଷ୍ଠିତ ହେଉଥିବା ଏହି ର୍ୟାଲି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଗତବର୍ଷ ମାନଙ୍କରେ ହୋଇଥିବା ସରକାରଙ୍କର ବିଭିନ୍ନ ଯୋଜନାକୁ ଲୋକମାନଙ୍କର ପାଖରେ ପହଂଚାଇବା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶରେ ପ୍ରଥମଥର ପାଇଁ ଏଭଳି ନିରନ୍ତର ଜନ ସମ୍ବାଦ ଜାରି ରଖିବାପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ନବରଙ୍ଗପୁର ଜିଲାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କେନ୍ଦ୍ର ସରକାରଙ୍କର ମହତ୍ୱକାଂକ୍ଷୀ ଆକାଂକ୍ଷା ଜିଲା କାର୍ଯ୍ୟକ୍ରମରେ ସାମିଲ କରି ଏହି ଜିଲାର ବିକାଶ ପାଇଁ ବଦ୍ଧପରିକର । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶର ପ୍ରଧାନ ସେବକ ଭାବେ ଗରୀବଙ୍କର

▶▶ପୃଷ୍ଠା ୭

ଶୃଙ୍ଖଳିତ ରଥଯାତ୍ରା ପାଇଁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫।୭ (ନି.ପ୍ର): କରୋନା ସଂକ୍ରମଣ ମଧ୍ୟରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହୋଇଥିବାରୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରବିବାର ଦିନ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କୁ ସାଙ୍ଗରେ ଘେନି ଶ୍ରୀମନ୍ଦିରକୁ ଫେରିଛନ୍ତି । ରଥଯାତ୍ରାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ପ୍ରତିଟି ଆୟୋଜନକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିଥିବାରୁ ସେବାୟତ ବନ୍ଧୁ, ପ୍ରଶାସନ ଏବଂ ପୂର୍ଣ୍ଣ ସହଯୋଗ ପାଇଁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଉଛି । ସର୍ବୋପରି ସବୁ ସେଇ ଲୀଳାମୟଙ୍କ ଇଚ୍ଛା ।

ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ବର୍ଷ କରୋନା ସଂକ୍ରମଣ ଆଶଙ୍କାରେ ରଥଯାତ୍ରା ହେବା ନହେବା ନେଇ ଦ୍ୱନ୍ଦ ଦେଖାଦେଇଥିଲା । ସୁପ୍ରିମ୍ କୋର୍ଟ ଏହି ମାମଲାର ବିଚାର କରି ପ୍ରଥମେ ରଥଯାତ୍ରା ବନ୍ଦ ରଖିବାକୁ ରାୟ ଦେଇଥିଲେ । ତେବେ ଅନ୍ୟ ଆବେଦନକାରୀଙ୍କ ପିଟିଶନ ପରେ କୋର୍ଟ କଟକଣା ସହ ରଥଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ପ୍ରଥମ ଥର ପାଇଁ କଟକଣା ସହ ବିନା ଭକ୍ତରେ କେବଳ ସେବାୟତ ଓ ପୋଲିସ୍ କର୍ମଚାରୀଙ୍କୁ ନେଇ ରଥଯାତ୍ରା ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା । କେବଳ କୋଭିଡ୍ ନେଗେଟିଭ୍ ବାହାରିଥିବା ସେବାୟତ ଓ କର୍ମଚାରୀଙ୍କୁ ଏଥିରେ ସାମିଲ କରାଯାଇଥିଲା ।

ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ଅନେକ ସ୍ଥାନ ଜଳମଗ୍ନ

ମୁମ୍ବାଇ,୫।୭ (ନି.ପ୍ର): ରବିବାର ସକାଳେ ହୋଇଥିବା ମୂଷଳଧାରାରେ ବର୍ଷା ଯୋଗୁଁ ମୁମ୍ବାଇ ସହର ଏବଂ ଆଖପାଖର କେତେକ ସ୍ଥାନରେ ଜଳମଗ୍ନ ହୋଇଛି । ପାଣିପାଗ କାର୍ଯ୍ୟାଳୟ ଆଗାମୀ ୪୮ ଘଂଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦେଇଛି । ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ରବିବାର ସକାଳଠାରୁ ଅନ୍ଧେରୀରେ ୪୪ ମି.ମି., ବିଲେପାର୍ଲେ, ବିକ୍ରୋଲି ଆଦି ସ୍ଥାନରେ ୪୩ ମି.ମି. ବର୍ଷା ହୋଇଛି । ଏହିପରି ସହରର ଅନ୍ୟ ସ୍ଥାନରେ ମଧ୍ୟ ବର୍ଷା ହୋଇଛି । ଏଥିରେ ମୁମ୍ବାଇର ହିନ୍ଦମାତା, ବିଲେପାର୍ଲେ, ଅନ୍ଧେରୀ, ମରୋଳ ଆଦି ସ୍ଥାନରେ ଜଳମଗ୍ନ ହୋଇଛି । ସହରର ୫-୬ ସ୍ଥାନରେ ସର୍ଟ ସର୍କିଟକୁ ଛାଡ଼ିଦେଲେ ଆଉ ସେମିତି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ । ପ୍ରବଳ ବର୍ଷା ଯୋଗୁ ରାସ୍ତା ଉପରେ ଜଳ ଜମିବା ଯୋଗୁଁ କେତେକ ସ୍ଥାନରେ ଟ୍ରାଫିକ ଜାମ ହୋଇଥିଲା । ବାନ୍ଦ୍ରା ନେସନାଲ କଲେଜ ଓ ଏସବି ରୋଡ଼, ଲିଙ୍କିଙ୍ଗ ରୋଡ଼ ସ୍ଥାନରେ ଅଧିକ ଜଳ ଯୋଗୁଁ ବସର ମାର୍ଗ

▶▶ପୃଷ୍ଠା ୭

ରାଉରକେଲା ଆସୁଥିବା ୧୪ ଜିଲ୍ଲା ବାସିଙ୍କ ଲାଗି କଟକଣା ଜାରି କଲେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ

ରାଉରକେଲା, ୦୫/୭ (ନି.ପ୍ର): ରାଉରକେଲା ସହରର ସେକ୍ଟର୧୬ ଆରଏସପି ଇଲାକାରେ ଜଣେ ୬୧ ବର୍ଷର ବୃଦ୍ଧଙ୍କ ଗତ ତିନି ଦିନ ପୂର୍ବେ କରୋନାରେ ମୃତ୍ୟୁ ଘଟିବା ସହ ଜିଲ୍ଲାରେ କରୋନା ଅକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି । ଏହା ସହ ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ଏତିକି ବେଳେ ରାଜ୍ୟର ୧୪ଟି ଜିଲ୍ଲାରୁ ରାଉରକେଲାକୁ ଆସୁଥିବା ଲୋକଙ୍କୁ ୧୪ ଦିନ ଲାଗି ସରକାରୀ କ୍ୱାରେନଟାଇନରେ ଯିବା ଲାଗି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆବୋଲୀ ସୁନୀଲ ନର୍ବାଣେ ନିର୍ଦ୍ଦେଶ ଦେଇଛନ୍ତି । ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆଦେଶନାମା ୧୯୫୯ ତା ୪-୦୭-୨୦ ଅନୁଯାୟୀ କୁହାଯାଇଛି ଯେ, ଖୋରଧା, ଭଦ୍ରକ, ବଲାଙ୍ଗିର, ପୁରୀ, ଝାରସୁଗୁଡା, ଯାଜପୁର , ମୟୁରଭଂଜ, ଗଂଜାମ, ବାଲେଶ୍ୱର, ନୟାଗଡ, କଟକ, କେନ୍ଦୁଝର, ଗଜପତି ଓ ଜଗତସିଂହପୁର ଅଂଚଳରୁ ରାଉରକେଲା ମହାନଗର ନିଗମ ଅଂଚଳକୁ ଆସୁଥିବା ଲୋକେ ଏଥର ଏଠାରେ ୧୪ ଦିନ ସରକାରୀ କ୍ୱାରେଂଟାଇନରେ ରହି ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିୟମ ପାଳନ କରିବେ । ସେହିପରି ଉପରୋକ୍ତ ଜିଲ୍ଲା ଗୁଡିକରୁ ଆସୁଥିବା ଜନସାଧାରଣ ପ୍ରଥମେ ବିପିୟୁଟି ରାଉରକେଲାରେ ନିଜକୁ ପଞ୍ଜିକୃତ କରାଇବା ପରେ ସରକାରୀ ପରାମର୍ଶ ଅନୁଯାୟୀ ୧୪ ଦିନ ପାଇଁ ଘରୋଇ କିମ୍ବା ସରକାରୀ କ୍ୱାରେଂଟାଇନରେ ରହିବେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି । ଅତିରିକ୍ତ ଜିଲ୍ଲାପାଳଙ୍କ ଏହି ଆଦେଶ ନାମା ପରେ ଏହାକୁ ସହରବାସୀ ସ୍ୱାଗତ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟପକ୍ଷରେ ଏଭଳି ନିୟମ ହେବା ଦ୍ୱାରା ରାଉରକେଲାକୁ ସିଧା ସଳଖ ଚାଲି ଆସୁଥିବା ଲୋକେ ଓ ବସ୍ ବାଲା ସମସ୍ୟାରେ ପଡିବାର ଆଶଙ୍କା ଦେଖାଦେଇଛି । ଏହା ଦ୍ୱାରା ବସରେ ଯାତ୍ରୀଙ୍କ ସଂଖ୍ୟା କମିବା ସହ ଆଉ ବସ୍ ଚାଲିବ କି ନାହିଁ ସେନେଇ ଉଠିଛି ପ୍ରଶ୍ନ । ସହରକୁ ଆସି କ୍ୱାରେଂଟାଇନରେ ଜିବାକୁ ପ୍ରାୟ ଚାହିଁବେନାହିଁ ବୋଲି କୁହାଯାଉଥିବା ବେଳେ ଏହାକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସହରର ବୁଦ୍ଧିଜୀବି ମହଲରେ କୁହାଯାଇଛି ।

ମୟୂରଭଞ୍ଜରେ ସଟଡାଉନର ପ୍ରଥମ ଦିନରେ ଶୂନଶାନ ଗାଁରୁ ସହର

ଜୁଲାଇ ମାସର ପ୍ରତି ଶନିବାର ଓ ରବିବାର ଜିଲ୍ଲାରେ ସଟଡାଉନ ଲାଗୁ ହେବାର ପ୍ରଥମ ଦିନ

ବାରିପଦା, ୦୫/୭ (ନି.ପ୍ର): ଦିନକୁ ଦିନ କରୋନା ରାଜ୍ୟ ତଥା ଦେଶରେ ତାର କାୟା ବିସ୍ତାର କରିଚାଲିଥିବା ବେଳେ ସରକାର ଏବଂ ପ୍ରସାଶନ ପକ୍ଷରୁ କରୋନାର ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ କଟକଣା ଲାଗୁକରାଯାଇଛି । ତେବେ ମୟୂରଭ ଜିଲ୍ଲାରେ ମଧ୍ୟ କରୋନା ତାର କରାଳ ରୂପ ପରିପ୍ରକାଶ କରୁଥିବା ବେଳେ ପ୍ରତିଦିନ ନୂଆନୂଆ ସଂକ୍ରମିତ ବ୍ୟକ୍ତିଙ୍କ ତାଲିକା ବଢିବଢି ଚାଲିଛି । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପ୍ରଶାସନର ତାଗିତ ପରେ ମଧ୍ୟ କିଛି ଅମାନିଆ ଲୋକ ସରକାରୀ ନିୟମ ଭଙ୍ଗକରି ସାମାଜିକ ଦୂରତା ଇତ୍ୟାଦି ଭଙ୍ଗ କରୁଥିବାର ଦେଖାଯାଉଛି । ତେବେ ଜିଲ୍ଲାରେ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବଢି ଚାଲିଥିବା ବେଳେ ପ୍ରସାଶନ ପକ୍ଷରୁ ଜୁଲାଇ ମାସର ପ୍ରତି ଶନିବାର ଓ ରବିବାରକୁ ସଟଡାଉନ ଘୋଷଣା କରାଯାଇଛି । ଆଜି ଜୁଲାଇ ମାସର ପ୍ରଥମ ଶନିବାର ଥିବାରୁ ଆଜିଠାରୁ ସାରା ଜିଲ୍ଲାରେ ଏହି ସଟଡାଉନ ନିୟମ ଲାଗୁ ହୋଇଛି । ବାରିପଦା ସମେତ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ଗ୍ରାମାଂଚଳରେ ଏହି ନିୟମ ଲାଗୁ ହୋଇଥିବା ବେଳେ ଆଜି ଲୋକେ ପ୍ରାୟ ଘରୁ ବାହାରୁ ନଥିବାର ଦେଖାଯାଇଛି । ସମସ୍ତ ଦୋକାନ ବଜାର ବନ୍ଦ ଥିବା ବେଳେ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ପୋଲିସର କଡା ପହରା ଦେଖାଯାଇଛି । ଯିଏବି କୌଣଷି ଜରୁରୀ କାମରେ ବାହାରକୁ ବାହାରୁଛି ତାଙ୍କୁ ପୋଲିସ ଯାଂଚ କରି ଛାଡୁଥିବାର ଦେଖାଯାଇଛି । ବର୍ତ୍ତମାନ ଅନଲୋକ ୨ ପ୍ରକ୍ରୀୟା ଚାଲୁ ରହିଥିବା ବେଳେ ବିଶେଷ କରି ଶନିବାର ଓ ରବିବାର ରେ ମାର୍କେଟ,ପରିବା ଓ ମାଛ ମାଂସ ଦୋକାନ, ହାଟ, ମଲ ଆଦି ସ୍ଥାନରେ ଭିଡ ରହୁଥିବାରୁ ସାମାଜିକ ଦୂରତା ବେଶୀ ମାତ୍ରାରେ ଭଙ୍ଗ ହେଉଥିବାରୁ ପ୍ରସାଶନ ପକ୍ଷରୁ ନିଆଯାଇଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି । ତେବେ ଆଜି ରାଜ୍ୟ ରେ ମୋଟ ୪୯୫ ଜଣ ନୂଆ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହୋଇଥିବା ବେଳେ ସେଥିରୁ ୩୫୫ ଜଣ ସଂଗରୋଧ କେନ୍ଦ୍ର ରୁ ଚିହ୍ନଟ ହୋଇଥିବା ବେଳେ ୧୪୦ଜଣ ଲୋକାଲ କଂଟାକ୍ଟ ରୁ ସଂକ୍ରମିତ ହୋଇଛନ୍ତି । ସେଥିମଧ୍ୟରୁ ଆଜି ମୟୂରଭ ଜିଲ୍ଲାରେ ୨୮ ଜଣ ସଂକ୍ରମିତ ହୋଇଥିବାର ଜଣାଯାଇଛି । ଯାହାକି ମୟୂରଭଞ୍ଜ ଜିଲ୍ଲାରେ ଅନ୍ୟ ଦିନ ମାନଙ୍କ ତୁଳନାରେ ଆଜିର ସଂକ୍ରମିତ ସଂଖ୍ୟା ସର୍ବାଧିକ ବୋଲି ଜଣାଯାଇଛି ।

ଜିଲ୍ଲାପାଳଙ୍କ ଚିକିତ୍ସାଳୟରେ ରୋଗୀଙ୍କୁ ସମସ୍ୟା ପଚାରି ବୁଝିଲେ

କେନ୍ଦ୍ରାପଡ଼ା, ୦୫/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା ଶନିବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଚିକିତ୍ସାଳୟରେ ଅଭାବ ଅସୁବିଧା ସଂପର୍କରେ ଅନୁଧ୍ୟାନ କରିଥିଲେ । ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ବର୍ମା ଚିକିତ୍ସାଳୟରେ ପହଁଚି ବିଭିନ୍ନ ୱାର୍ଡ ବୁଲି ରୋଗୀ ମାନଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ୟା ପଚାରି ବୁଝିଥିଲେ । ସାମାଜିକ ଦୂରତା , ସ୍ୱଚ୍ଛତା ଓ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ସେବା ସଂପର୍କରେ ରୋଗୀ ମାନଙ୍କୁ ପଚାରି ବୁଝିଥିଲେ । ଏହି ପରିଦର୍ଶନ ସମୟରେ ପ୍ରୋଭେସନ ରେ ଥିବା ଜିଲ୍ଲାପାଳ ଅକ୍ଷୟ କୁମାର ଅଗ୍ରୱାଲ (ଆଇ ଏ ଏସ୍), ଡାକ୍ତର ନୃପେନ୍ଦ୍ର ଶତପଥୀ ହସପିଟାଲ ପରିଚାଳକ ଶୁଭାଶିଷ ସାଠୁଆ ଉପସ୍ଥିତ ଥିଲେ ।

ଜାତୀୟ ରାଜପଥ ନଂ ୫୩ ମରାମତି କାର୍ଯ୍ୟ ଆରମ୍ଭ

ଭୁବନ, ୦୫/୭ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ଦୂରାବସ୍ଥା ସମ୍ପର୍କରେ ବାରମ୍ବାର ଖବରକାଗଜରେ ସଚିତ୍ର ବିସ୍ତୃତ ଖବର ପ୍ରକାଶ ପାଇବା ପରେ ଗତ ସପ୍ତାହରେ ଖାଲ ଗୁଡିକରେ ମେଂଟାଲ ଫିଲିଙ୍ଗ କରାଯାଇଥିବା ବେଳେ ଗତକାଲିଠାରୁ ଚିପ୍ସ, ବଜୁରୀ ଓ ପିଚୁରେ ରାସ୍ତା ମରାମତି କାମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଭୁବନର ଜନଗହଳି ପୂର୍ଣ୍ଣ ଅଂଚଳ କାଳୀବଜାର ଠାରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଭୁବନର ପ୍ରବେଶ ପଥ ଅନନ୍ତପୁର ଛକ ଠାରୁ କାଳୀବଜାର ଦେଇ ଭୁବନ ଥାନା ଛକ ୭ କି.ମି. ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଥିଲା ବେଳେ ପ୍ରଥମ ପର୍ଯ୍ୟାୟରେ କଲେଜ ଛକ ନିକଟସ୍ଥ ଗୌରାଙ୍ଗ ପେଟ୍ରୋଲ ପମ୍ପ ଠାରୁ ତହସିଲ ଅଫିସ/ସିଭିଲକୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ ବୋଲି ଠିକାଦାରଙ୍କ ସୂତ୍ରରୁ ଜଣାପଡିଛି । ମରଣଯନ୍ତା ପାଲଟିଥିବା ୫୩ ନମ୍ବର ଜାତୀୟ ରାଜପଥରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ବୁଦ୍ଧିଜୀବୀ ମହଲରେ ଏହା ଗଣମାଧମର ପ୍ରଭାବ ବୋଲି ଚର୍ଚ୍ଚା ହେବା ସହିତ ଗଣମାଧମ ପ୍ରତିନିଧି ମାନଙ୍କୁ ଉଚ୍ଚ ପ୍ରଶଂସା କରାଯାଉଛି ।

କାମରେ ଆସୁନି ମାର୍କେଟ କଂପ୍ଲେକ୍ସ, ଆସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳି ପାଲଟିଛି

ଧର୍ମଶାଳା, ୦୫/୭ (ନି.ପ୍ର): ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡା ଫଂଚାୟତ କାକୁଡିକୁଦ ଠାରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଲୋକଙ୍କ କାମରେ ଆସୁନାହିଁ। ରାଜ୍ୟ ସରକାରଙ୍କ ଚତୁର୍ଥ ଓ ଚତୁର୍ଦଶ ଅର୍ଥ କମିଶନ ଅନୁଦାନରୁ ଏହି କାର୍ଯ୍ୟଟି ଆରମ୍ଭ କରାଯାଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଦେଢ ବର୍ଷ ପରେ ବି ଲୋକାର୍ପଣ ହୋଇ ପାରୁନାହିଁ। ଫଳରେ ଦୋକାନ ଗୃହ ଗୁଡିକ ବଂଟନ କରାଯାଇ ପାରୁ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୬ ମସିହାରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ ମସିହାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି। ହେଲେ ଆଜକୁ ଦେଢ ବର୍ଷ ହେଲା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପଡି ରହିଛି। ଆଶୟୀ ମାନେ ବାରମ୍ବାର ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସଟି ଉଦଘାଟନ କରାଯାଉ ନାହିଁ କି ଗୃହ ଗୁଡିକୁ ଲୋକ ମାନଙ୍କୁ ବଂଟନ କରାଯାଉ ନ ଥିବାରୁ ସରକାର ସିଧାସଳଖ ଭାବେ ରାଜସ୍ୱ ହରାଇଛନ୍ତି। କାର୍ଯ୍ୟଟି ଶେଷ କରି ଠିକାଦାର ଓ ରାଜନେତା ନିଜର ଲାଭାଂଶ ଉଠାଇ ନେଇଥିବା ବେଳେ ଫଂଚାୟତ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଲୋକାର୍ପଣ କାର୍ଯ୍ୟ ହୋଇ ପାରୁ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ସରକାରଙ୍କ ହଜାର ହଜାର ଟଙ୍କାର ରାଜସ୍ୱହାନି ହେଉଛି। ଫଂଚାୟତର ଆୟ ବୃଦ୍ଧି ଓ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତି ଉର୍ଦ୍ଦେଶ୍ୟରେ ଏହି ଦୋକାନ ଘର ନିର୍ମାଣ କରାଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକଙ୍କ କାର୍ଯ୍ୟରେ ଲାଗୁନାହିଁ। ୨୦ ଲକ୍ଷ ଟଙ୍କା ରାଜସ୍ୱ ଖର୍ଚ୍ଚ କରି ୪ ଗୋଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ଘର ଗୁଡିକ ବାବଦରେ ଟଙ୍କାଟିଏ ବି ରାଜସ୍ୱ ଆଦାୟ ହୋଇ ପାରୁନାହିଁ। ଏପଟେ ଘର ଗୁଡିକ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି । ଧିରେଧିରେ ଘର ଗୁଡିକ ନଷ୍ଟ ହେବାକୁ ବସିଲାଣି।

କେନ୍ଦୁଝର ଜିଲ୍ଲାରେ ପୁଣି ୫ କରୋନା ପଜିଟିଭ: ଆକ୍ରାନ୍ତ ସଂଖ୍ୟା ୧୫୭: ସମସ୍ତ ଆକ୍ରାନ୍ତ କ୍ୟୁରେଟଂାଇନ କେନ୍ଦ୍ରରୁ ଚିହ୍ନଟ ହେଲେ

କେନ୍ଦୁଝର, ୦୫/୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଗତକାଲି ଶୁକ୍ରବାର ଦିନ ୬ ଆକ୍ରାନ୍ତ ଚିହ୍ନଟ ପରେ ଆଜି ଶୁକ୍ରବାର ଦିନ ପୁଣି ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପ୍ରତ୍ୟେକଦିନ ଏଭଳି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହେବା ଘଟଣାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ସ୍ୱଭାବିକ ଭାବେ ଏକ ଅଜଣା ଭୟକୁ ଜନ୍ମ ଦେଉଛି । ଅବଶ୍ୟ ଅଦ୍ୟବଧି ଜିଲ୍ଲାରେ ସ୍ଥାନୀୟ ସଂକ୍ରମଣ ପ୍ରାୟତଃ ଚିହ୍ନଟ ହୋଇନାହିଁ । ଯାହାକି ଯେଭଳି ଶୁଭ ଖବର ଅନୁରୂପ ଭାବେ ଜିଲ୍ଲାରେ ସୁସ୍ଥ ହେଉଥିବା ସଂଖ୍ୟା ମଧ୍ୟ ବଢିବାରେ ଲାଗିବ ମଧ୍ୟ ଶୁଭ ଖବର ବୋଲି କୁହାଯାଇପାରେ ।ଏହାକୁ ନିୟନ୍ତ୍ରଣରେ ଆଣିବା ଲକ୍ଷ୍ୟରେ ସରକାର ଙ୍କ ପକ୍ଷରୁ ସମଗ୍ର ଜିଲ୍ଲାକୁ ଶନିବାର ଓ ରବିବାର ଦୁଇଦିନ ସଟ୍ ଡାଉନ ଘୋଷଣା କରାଯାଇଛି । କିନ୍ତୁ ଜିଲ୍ଲାରେ ପ୍ରାୟତଃ କରୋନା ଆକ୍ରାନ୍ତ ମାନେ କ୍ୟୁରେଟଂାଇନ କେନ୍ଦ୍ରରୁ ଚିହ୍ନଟ ହେଉଥିବା ଦୃଷ୍ଟିରୁ ସେହି କେନ୍ଦ୍ର ଗୁଡିକରେ କୋଭିଡ ୧୯ ଗାଇଡଲାଇନକୁ କୁ କଡା କଡି ପାଳନ ଉପରେ ଜିଲ୍ଲା ପ୍ରଶାସନ ଅଧିକ ରୁରୁତ୍ୱ ଦେବାର ଅଧିକ ଆବଶ୍ୟ ରହିଅଛି । ଯାହା କି ପଜିଟିଭ ସଂଖ୍ୟା କୁ ନିୟନ୍ତ୍ରିଣ କରିବାରେ ହୁଏତ ଅନେକାଂଶରେ ସଫଳ ହେବାର ସମ୍ଭାବନା ଅଧିକ ରହିଥିବା ମତ ପ୍ରକାଶ ପାଉଛି । କିନ୍ତୁ ପ୍ରଶାସନ ଏହା ଉପରେ କେତେଦୂର ଗୁରୁତ୍ୱ ଦେବେ ତାହା ମଧ୍ୟ ପ୍ରଶ୍ନ ଚିହ୍ନରେ ରହିଛି । କେନ୍ଦୁଝର ଜିଲ୍ଲାରେ ଶୁକ୍ରବାର ଦିନ ୬ ଜଣ କରୋନା ଆକ୍ରନ୍ତ ଚିହ୍ନଟ ହେବା ପରେ ଆଜି ଶନିବାର ପୁଣି ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୭ କୁ ବୃଦ୍ଧି ପାଇଛି । ଶନିବାର ଦିନ କ୍ୟରେଟଂାଇନ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ୫ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ହରିଆନା ଓ ୧ ଜଣ ତେଲେଙ୍ଗାନା , ୧ ଜଣ ତାମିଲନାଡୁ ଏବଂ ୧ ଜଣ ଦିଲ୍ଲୀରୁ ଫେରନ୍ତା ଥିଲେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ସେଠାରୁ ଫେରିବା ପରେ ଏହି ପ୍ରବାସୀ ମାନେ ଘଷିପୁରା ବ୍ଲକ, ତେଲକୋଇ ବ୍ଲକ, ପାଟଣା ବ୍ଲକ ଓ ଝୁମ୍ପୁରା ବ୍ଲକ ର ଅସ୍ଥାୟୀ ମେଡିକାଲ କ୍ୟରେଟଂାଇନ କେନ୍ଦ୍ରରେ ରହିଥିଲେ । ତଥାପି ସେମାନଙ୍କ ଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି । ଫଳରେ ଜିଲ୍ଲାରେ ଏବେ କରୋନା ପଜିଟିଭଙ୍କ ସଂଖ୍ୟା ୧୫୭ କୁ ବୃଦ୍ଧି ପାଇଅଛି । ଏବଂ ଇତି ମଧ୍ୟରେ ଜିଲ୍ଲାରେ ୯୬ ଜଣ ସୁସ୍ଥ ହୋଇ ଘରକୁ ଘରକୁ ଫେରିଥିବା ବେଳେ ବର୍ତ୍ତମାନ ଆକ୍ଟିଭ କେଶ ୬୧ ରହିଛି । ତେବେ କେତେକ କ୍ୟୁରେଟଂାଇନ କେନ୍ଦ୍ରରେ ରହୁଥିବା ଅନେକ ପ୍ରବାସୀ କୋଭିଡ ଗାଇଡ ଲାଇନକୁ ଖୋଲାଖୋଲି ଉଲଙ୍ଘନ କରିବା ସହ କେନ୍ଦ୍ରକୁ ପିଲାଖେଳ ରେ ପରିଣତ କରିବା ନିଶ୍ଚିତ ଦୁର୍ଭଗ୍ୟ ଜନକ । ଏପରିକି ଏକ କେନ୍ଦ୍ରକୁ କେତେକ ପ୍ରବାସୀ କିଭଳି ବାର୍ ରେ ପରିଣତ କରିବାକୁ ଉଦ୍ୟମ କରିଥିଲେ ତାହାର ଭିଡିଓ ଫଟୋ ମଧ୍ୟ ଭାଇରାଲ ହୋଇଥିଲା । ଏ ଦିଗରେ ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷ ଅଧିକ କଠୋର ହେବାର ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ ପାଇଛି ।

ଏକ୍ସକ୍ୟାଡର ସହକାରୀ ଶିକ୍ଷକଙ୍କୁ ବକେୟା ଦରମା ମିଳୁନି

ଭଦ୍ରକ, ୫/୭ (ହି.ସ.) - ଗଣ ଶିକ୍ଷକରୁ ଏକ୍ସକ୍ୟାଡର ଶିକ୍ଷକ ମାନ୍ୟତା ପାଇଥିବା ରାଜ୍ୟର ୧୮ ହଜାରରୁ ଉର୍ଦ୍ଧ୍ୱ ଏକ୍ସକ୍ୟାଡର ସହକାରୀ ଶିକ୍ଷକ ଗତ ୩ ବର୍ଷ ଧରି ବେତନ କଷ୍ଟ ଭୋଗୁଛନ୍ତି। ପଦୋନ୍ନତି ପାଇବାର ଇତିମଧ୍ୟରେ ୩ ବର୍ଷ ବିତିଲାଣି ହେଲେ ଗତ ୧-୩-୧୭ ରୁ ୩୧-୮-୧୭ ଯାଏ ୬ ମାସର ବକେୟା ଦରମା ସେମାନଙ୍କୁ ଏଯାଏ ମିଳିଲା ନାହିଁ। ତେଣେ ନିୟମିତ ହୋଇଥିଲେ ମଧ୍ୟ ଆଜିଯାଏ ସେମାନଙ୍କୁ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଟ୍ରେଜେରୀ ମାଧ୍ୟମରେ ଦରମା ଦିଆନଯାଇ ଶିକ୍ଷା ବିଭାଗରୁ ଶିକ୍ଷା ନିର୍ଦ୍ଦେଶାଳୟ, ଓପେପା, ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ୍ ଶିକ୍ଷାଧିକାରୀ ବାଟ ଦେଇ ବେତନ ପ୍ରଦାନ କରାଯାଉଛି। ଯାହାକି ଏକ ବିଳମ୍ବିତ ପ୍ରକ୍ରିୟା ସାବ୍ୟସ୍ତ ହୋଇଛି। ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଗଣ ଶିକ୍ଷକଙ୍କ ମଧ୍ୟରୁ ସରକାର ଗତ ୩ ବର୍ଷ ତଳେ ୧୮ ହଜାର ୫୩ ଜଣଙ୍କୁ ନିୟମିତ କରି ଏକ୍ସକ୍ୟାଡର ସହକାରୀ ଶିକ୍ଷକ ନିଯୁକ୍ତି ଦେଇଥିଲେ ମଧ୍ୟ ଆଜିସୁଦ୍ଧା ସେମାନଙ୍କୁ ସରକାରୀ ପେନସନ ଯୋଜନାରେ ସାମିଲ କରାଯାଇନାହିଁ। କେବଳ ସେତିକି ନୁହେଁ ଯୋଗ୍ୟତା ଭିତିରେ ରାଜ୍ୟରେ ଆହୁରି ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଗଣଶିକ୍ଷକ ଏକ୍ସକ୍ୟାଡରକୁ ପଦୋନ୍ନତି ପାଇବାକୁ ହକଦାର ହୋଇଥିଲେ ମଧ୍ୟ ସରକାର ସେମାନ୍ଙ୍କ କଥା ବିଚାରକୁ ନନେଇ ସମୟ ଗଡାଇ ଚାଲିବା ଦୁର୍ଭାଗ୍ୟ ଜନକ ବୋଲି ମହାସଂଘ ସଭାପତି ଶିବଲାଲ ସାହୁ, ଅନୀୟ ବରାଳ, ଇସ୍‌ମାଇଲ୍ ସାହା, ପରେଶ ଦାସ, ପ୍ରସନ୍ନ ମହାପାତ୍ର, ସୁବାଷ ପ୍ରଧାନ, ସୁଶାନ୍ତ ଜ୍ୟୋତିଷ, ସୁରେନ୍ଦ୍ର ରାଉତ, ମାୟାଧର ଦାସ ଏବଂ ରବି ମହାଳିକ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ରାଜ୍ୟର ଏହି ନିମ୍ନ ବେତନଭୋଗୀ ଶିକ୍ଷକ ମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେବାକୁ ସେମାନେ ଦାବି କରିଛନ୍ତି।

ନୂତନ ଉପ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର, ୦୫/୭ (ନି.ପ୍ର): ଜୟପୁର ଉପ ଜିଲ୍ଲାପାଳ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ହେମକାନ୍ତ ସାଏ । ସେ ହେଉଛନ୍ତି ୨୦୧୭ ବ୍ୟାଚ୍‌ର ଆଇଏଏସ ଅଫିସର । ଏଥିପୂର୍ବରୁ ସେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ରହିଥିଲେ । ରାଜ୍ୟ ସରକାର ତାଙ୍କୁ ଜୟପୁର ଉପ ଜିଲ୍ଲାପାଳ ସହ ଜୟପୁର ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନେବାକୁ ଅତିରିକ୍ତ ଦାୟିତ୍ୱ ଦେଇଥିଲେ । ଏହି କ୍ରମରେ ସେ ଗତକାଲି କୋରାପୁଟ ପହଂଚି ଆଜି ଜୟପୁର ଠାରେ ଦୁଇଟି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣବେଳେ ଉପ ଜିଲ୍ଲାପାଳ ରହିଥିବା ଲୋକନାଥ ଦଳବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଉଥିବା ଆଲୋକ ରଞ୍ଜନ ସାମନ୍ତରାୟ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ତୁଲାଉଥିବା ପୀତବାସ ବିଶ୍ୱାଳ, ଉଭୟ ଅଫିସର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଭଦ୍ରକରେ ହେବ ସିନ୍ଥେଟିକ୍ ଫାଇବାର

କାଚଚୁଡ଼ିର ସହର

ନୂଆଦୀଲ୍ଲୀଠାରୁ ପ୍ରାୟ ଦୁଇଶହ କିଲୋମିଟର ଦଳା ଫିରୋଜାବାଦ ଏକ କୁଟୀର ଶିଳ୍ପର ସହର । କାଚ ଶିଳ୍ପ ପାଇଁ ଜଣାଶୁଣା ଏହି ସହରର ଅଧିକାଂଶ ପରିବାର ମୁଖ୍ୟତଃ ମହିଳାଙ୍କ ହାତପିନ୍ଧା କାଚ ନିର୍ମାଣ କରିଥାନ୍ତି । ଏହି ସହରରୁ ଉଠୁଥିବା କଳାଧୂଆଁ ପଛରେ ରଙ୍ଗିନ କାଚ ନିର୍ମାଣ ହିଁ ଦାୟୀ । କାଚ ନିର୍ମାଣଣ ପାଇଁ ଶିଳ୍ପର ଆଧୁନିକୀକରଣ ସତ୍ତ୍ୱେ ଏଠାରେ ପାରମ୍ପରିକ ଭାବେ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି । ଏଠାରେ ବାଙ୍ଗ୍‌ଲା (ହାତପିନ୍ଧା କାଚ) ନିର୍ମାଣ ଏକ କୌଳିକ ବୃତ୍ତି ଭାବେ ପିଢ଼ି ପରେ ପିଢ଼ି ଗଡ଼ି ଆସିଛି । ଫିରୋଜାବାଦର କାଚ କେବଳ ଭାରତରେ ନୁହେଁ ସାରା ବିଶ୍ୱକୁ ଏହା ରପ୍ତାନି ହୋଇଥାଏ । କ୍ରିସ୍‌ମାସ ସମୟରେ ଏଠାରେ ନିର୍ମାଣ ହେଉଥିବା ବିଭିନ୍ନ ପ୍ରକାରର କାଚର ଆଇଟମ୍‌ର ବେଶ୍ ଚାହିଦା ସର୍ବଦା ରହିଆସିଛି । ଫିରୋଜାବାଦରେ ଦୁଇଶହ ବର୍ଷ ଧରି ପାଣିକାଚ ନିର୍ମାଣ ହେଉଥିବା ଜଣାଯାଏ । ବିଶ୍ୱର ସବୁଠାରୁ ଅଧିକ କାଚ ନିର୍ମାଣ ଏହି ସହରରେ ହୋଇଥାଏ । ଏହି ସହରରେ ଚୁନିର ବଜାର ସୁନ୍ଦର ରଙ୍ଗିନ କାଚରେ ଝଲମଲ କରୁଥାଏ । କାଚ ନିର୍ମାଣ କାର୍ଯ୍ୟରେ ଆବାଳବୃଦ୍ଧବନିତା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ । ରଙ୍ଗିନ କାଚକୁ ତରଳାଇ ତାକୁ ଟାଣି ତାର ପରି କରାଯାଇଥାଏ । ପରେ ଏହାକୁ ସ୍ୱତନ୍ତ୍ର ଶୈଳୀରେ କାଚ ଚୁଡ଼ି କରାଯାଇଥାଏ ।

"ମୁଁ ଛୋଟ ବେଳୁ ଏହି କାଚ ଶିଳ୍ପରେ କାର୍ଯ୍ୟ କରି ଆସୁଛି । ଆମେ ଆମର ଝାଳ ରକ୍ତ ନିଗାଡ଼ି ଏହି କାଚ ବ୍ୟବସାୟ ଜାରି ରଖିଛୁ । ପ୍ରତ୍ୟେକଟି କାଚ ଗ୍ରାହକଙ୍କ ହାତରେ ପହଞ୍ଚିବା ବେଳକୁ ଅତିକମ୍‌ରେର ଅଶୀ ଜଣଙ୍କ ହାତ ଦେଇ ଯାଇଥାଏ ।" ଏକଥା କହନ୍ତି ଅଶୀ ବର୍ଷୀୟା ବାବୁରାମ ମିଶ୍ର । ବାବୁରାମ ଶ୍ରମିକ ସଂଘର ସଭାପତି ଅଛନ୍ତି । ସେ ଆହୁରି ମଧ୍ୟ କହନ୍ତି "କାଚ ନିର୍ମାଣ ଅଧା କାର୍ଯ୍ୟ ଫ୍ୟାକ୍ଟ୍ରିରେ ହୋଇଥାଏ, ବାକି ଅର୍ଦ୍ଧେକ କାର୍ଯ୍ୟ ଘରେ ହୋଇଥାଏ । ପରିବାରର ପ୍ରତ୍ୟେକ ସଦସ୍ୟ ଏହି କାର୍ଯ୍ୟରେ ଲାଗି ରହିଥାନ୍ତି । ସହରର ଅଧିକାଂଶ ଶିଶୁ ସେମାନଙ୍କ ଅଭିଭବକଙ୍କୁ ଏ କାର୍ଯ୍ୟରେ ସହଯୋଗ କରନ୍ତି ।"

ଏକ ରିପୋର୍ଟ ମୁତାବକ, ସହରର ଜନସଂଖ୍ୟାର ନବେ ପ୍ରତିଶତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏହି ଶିଳ୍ପ ସହ ଜଡ଼ିତ । ୧୯୧ଟି ଗ୍ଲାସ୍-ବାଙ୍ଗଲା ଫ୍ୟାକ୍ଟ୍ରି ସରକାରୀ ଭାବେ ପଞ୍ଜିକୃତ ହୋଇଛି ଏବଂ ଏକକ ଶିଳ୍ପରେ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି । କାଚ ପାଇଁ ବ୍ୟବହୃତ ସିଲିକା ସ୍ୟାଣ୍ଡର ପ୍ରାଚୁର୍ଯ୍ୟ ଏବଂ ଶସ୍ତା ସହଜରେ ମିଳିଯାଉଥିବା ଶ୍ରମିକଙ୍କ ପାଇଁ ଏହି ଶିଳ୍ପ ଏଠାରେ ଏଯାବତ୍ ବଞ୍ଚି ରହିଥିବା କୁହାଯାଏ । ଶ୍ରମିକଟିଏ ଏଠାରେ ଭୋର୍ ଚାରିଟାରୁ ତା'ର କାର୍ଯ୍ୟ ଆରମ୍ଭ କରରି ସନ୍ଧ୍ୟା ୭ଟା ଯାଏ ଜାରି ରଖିଥାଏ । ଦିନକର କଠିନ ପରିଶ୍ରମରୁ ତାକୁ ମାତ୍ର ଅଶୀ ନବେ ଟଙ୍କା ମିଳିଥାଏ । କାଚ ବ୍ୟବସାୟୀ ଅନୁଜ ଶର୍ମା କହନ୍ତି "ପିଲାମାନେ ଅଧିକ ରୋଜଗାର ପାଇଁ ଘରେ କାର୍ଯ୍ୟ କରିବା ଅପେକ୍ଷା କାଚ ଶିଳ୍ପରେ କାମ କରିବାକୁ ବେଶୀ ପସନ୍ଦ କରନ୍ତି ।" ଷୋଳହଜାର କାଚର କ୍ୱାଲିଟି ଚେକ୍ ପାଇଁ ୬୦ଟଙ୍କା ଶ୍ରମିକଙ୍କୁ ମିଳିଥାଏ । ଏକ ପଥରରେ ପ୍ରତ୍ୟେକ କାଚକୁ ଧୀରେ ଧୀରେ ବାଡ଼େଇ ଶବ୍ଦ ଶୁଣି ଏହା ଠିକ୍ ଅଛି କି ନା ଚେକ୍ କରାଯାଏ । ପ୍ୟାକିଂ ହେଉଥିବା କାଚ ଭିତରେ ଯେପରି ଚଡ଼କି ଯାଇଥିବା କିମ୍ବା ଦୁର୍ବଳ ଥିବା କାଚ ରହି ନଯାଏ ଏମାନେ ଦେଖିଥାନ୍ତ । କାଚ ଶିଳ୍ପରେର କାମ କରୁଥିବା ବ୍ୟକ୍ତିଙ୍କଠାରେ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ଶିଳ୍ପରେ ବ୍ୟବହୃତ କାଚ, ଉତ୍ତାପ ଏବଂ କେମିକାଲ୍ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଡାକ୍ତର ସୁରିନ୍ଦରର ପାଲ ସିଂହ ଚୌହାନ କହନ୍ତି "ଏହି ସହରରେ ମୁଁ ତିରିଶ ବର୍ଷ ଧରି ଡାକ୍ତରୀସେବା ଦେଇ ଆସୁଛି । ଏଠାକାର ଲୋକମାନେ ଟ୍ୟୁବରକ୍ୟୁଲୋସିସ୍ ଏବଂ ବିଭିନ୍ନ ଚାତି ସମସ୍ୟାରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଆସିଥାନ୍ତି । ତ୍ୱଚାରେ ନିଆଁ ଲାଗି ଫୋଟକା, ଆଲର୍ଜି ଏବଂ ଦୃଷ୍ଟିଶକ୍ତିରେ ସମସ୍ୟା ଏଠାରେ ତ ଏକ ସାଧାରଣ କଥା ।"

କେବେଠାରରୁ ଏଠାରେ କାଚ ଶିଳ୍ପ ଆରମ୍ଭ ହୋଇଛି ? ମାତ୍ର ଦୁଇଶହ ବର୍ଷ ଭିତରେ ଏହି ଶିଳ୍ପ ଏଠାରେ ଆରମ୍ଭ ହୋଇଥିବା କୁହାଯାଏ । ଆଗ୍ରା ଗେଜେଟିୟର୍ ୧୮୮୪ ମୁତାବକ ଫିରୋଜାବାଦରେ ସେତେବେଳେ ଲାକଖ ବ୍ୟବସାୟ ଲାଭ ଚାଲିଥିଲା । ସମୟକ୍ରମେ ଏହି ବ୍ୟବସାୟ ଏଠାରେ ଲୋପ ପାଇ ଯାଇଥିଲା । ପରେ ପରେ କାଚ ଚୁଡ଼ି, କାଚରେ ନିର୍ମିତ ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ବୈଜ୍ଞାନିକ ଉପକରଣ, ବଲ୍‌ବ ଆଦି ଏଠାରେ ନିର୍ମାଣ କରାଯାଇଥିଲା । ଏବେ ଏ ସହରର ଖ୍ୟାତି ସାରା ବିଶ୍ୱରେ ରହିଛି ।

ହଳଦିଆ ତରଭୁଜ

ଝାଡ଼ଖଣ୍ଡର ରାମଗଡ଼ ଅଞ୍ଚଳର ଜଣେ ଚାଷୀ ରାଜେନ୍ଦ୍ର ବେଦିୟା ଏବେ ହଳଦିଆ ତରଭୁଜ ଫଳାଇବାରେ ସକ୍ଷମ ହୋଇଛନ୍ତି । ଏହି ତରଭୁଜ ଅନମୋଲ ହାଇବ୍ରିଡ୍ କିସମର, ଯାହାର ଉପର ଅଂଶର ରଙ୍ଗ ସାଧାରଣ ତରଭୁଜ ଭଳି, କିନ୍ତୁ କାଟିଦେଲେ ଭିତର ଅଂଶ ହଳଦିଆ ଦେଖାଯାଉଛି । ଏହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚରେ ବିଷୟ ପାଲଟିଛି । ରାଜେନ୍ଦ୍ର ରାମଗଡ଼ର ଚୋକଡ଼ବେଡ଼ା ଗାଁର ବାସିନ୍ଦା । ଚଳିତବର୍ଷ ନିଜ ଜମିରେର ସେ ସ୍ୱେଦେଶୀ ବଦଳରେ ତାଇୱାନ୍‌ରୁ ମଞ୍ଜି ମଗାଇ ତରଭୁଜ ଚାଷ କରିବାକୁ ସିଦ୍ଧାନ୍ତ ନେଇଥିଲେ । ସେଥିଲାଗି ସେ ଅନଲାଇନ୍‌ରେ ୧୦ ଗ୍ରାମ ଅନମୋଲ ହାଇବ୍ରିଡ୍ କିସମର ମଞ୍ଜିକୁ ୮୦୦ଟଙ୍କା ଦେଇ କିଣିଥିଲେ । ନିଜର ଏକ ଛୋଟ ଚାଷଜମିରେ ତାକୁ ଲଗାଇଥିଲେ । ବର୍ତ୍ତମାନ ସୁଦ୍ଧା ସେଠାରୁ ୧୫ କ୍ୱିଣ୍ଟାଲରୁ ଅଧିକ ତରଭୁଜ ଅମଳ ହୋଇଛି । ଯଦି ଦାମ୍ ଠିକ୍‌ଠାକ୍ ମିଳିଲା ତା' ହେଲେ ସେଥିରୁ ସେ ୨୦ ହଜାର ଟଙ୍କା ଲାଭ କରିବକୁ ଆଶା ରଖିଛନ୍ତି । ସାଧାରଣ ତରଭୁଜ ଅପେକ୍ଷା ଏହା ଅଧିକ ରସାଳ ହୋଇଥିବାବେଳେ ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ ଲାଗୁଛି । ତେଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାର ଚାହିଦା ଦେଖିବାକୁ ମିଳୁଛି । ଅନ୍ୟପଟେ ରାଜେନ୍ଦ୍ରଙ୍କର ଏହି ସଫଳତା ଦେଖି ତାଙ୍କ ଗାଁର ଅନ୍ୟ ଚାଷୀମାନେ ବି ଏଭଳି ଚାଷ କରିବା ଲାଗି ଚିନ୍ତା କରୁଛନ୍ତି ।

କରୋନା ଫେସନ

ଡିଓ ସାନିଟାଇଜର

କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ବିଭିନ୍ନ ଉପାୟ କରାଯାଉଛି । ତେବେ ଘରୁ ବାହାରେ ଥିବା ସମୟରେ ନିଜକୁ ସାନିଟାଇଜ କରିବା ସବୁଠାରୁ କଷ୍ଟକର ଉପାୟ । କୌଣସି ଅଜଣା ସଂକ୍ରମିତ ବ୍ୟକ୍ତିଙ୍କ ପାଟିରୁ ବାହାରୁଥିବା ଜଳବୁନ୍ଦାରୁ ସୁରକ୍ଷିତ ରହିବା ପାଇଁ ସାନିଟାଇଜର ନିହାତି ଜରୁରୀ । ଏହି ପ୍ରକ୍ରିୟା ସହଜ କରିବା ଲାଗି ଆଇଆଇଟି କାନପୁରର ପୂର୍ବତନ ଛାତ୍ର ଆଂଶିକ ଗଙ୍ଗୱାର ଏବଂ ଆଇଆଇଟି ଗୌହାଟିର ଆସିଷ୍ଟାଣ୍ଟ ପ୍ରଫେସର ହର୍ଷ ଚତୁର୍ବେଦୀ ଫ୍ରାଗ୍ରାନ୍ସ ଆଣ୍ଡ୍ ଫ୍ଲାଓ୍ୱାର ଡେଭଲପମେଣ୍ଟ ସେଣ୍ଟର ସହାୟତାରେ ପରଫ୍ୟୁମ ଓ ଡିଓ ଆଧାରିତ ସାନିଟାଇଜର ପ୍ରସ୍ତୁତ କରିଛନ୍ତି । ଏହା ମନଲୋଭା ସୁଗନ୍ଧ ଦେବା ସହ କରୋନା ଭୂତାଣୁଠାରୁ ୭ ରୁ ୧୦ ଘଣ୍ଟା ସୁରକ୍ଷିତ ରଖିପାରିବ ବୋଲି ସେମାନେ କହିଛନ୍ତି । ଏହି ସ୍ୱତନ୍ତ୍ର ସାନିଟାଇଜରର ପୋଷାକରେ ଏବଂ କାଖତଳେ ଲଗାଯାଇପାରିବ । ୨୦୧୩ରେ ଉତ୍ତୀର୍ଣ୍ଣ ହୋଇଥିବା ଆଇଆଇଟି ଛାତ୍ର ଆଂଶିକଙ୍କ କହିବା ଅନୁସାରେ ଏହି ସାନିଟାଇଜର ଡିଓ ପ୍ରସ୍ତୁତି ଲାଗି ୮୦ ପ୍ରତିଶତ ଇଥାଇଲ ଆଲକୋହଲ, ୧୦ପ୍ରତିଶତ ଗ୍ରୀନ୍ ଅଏଲ ଏବଂ ୧୦ ପ୍ରତିଶତ ମଏଷ୍ଟରାଇଜର ତଥା ନ୍ୟୁଟ୍ରୋଜିନା ଅଏଲ୍ ମିଶାଯାଇଥିବା ବେଳେ ମନକୁ ଖୁସି ଓ ଶାନ୍ତି ରଖିବା ଲାଗି ଲାଭେଣ୍ଡର, ୟୁକାଲିପଟାସ ଆଦି ସୁଗନ୍ଧଯୁକ୍ତ ତେଲ ମିଶାଯାଇଛି । ଏହା ସମ୍ପୂର୍ଣ୍ଣ ରୂପେ ହର୍ବାଲ ସାନିଟାଇଜର ହୋଇଥିବା ବେଳେ ୨୫୦ ମି.ଲି.କୁ ୨୫୦ଟଙ୍କା ରଖାଯିବ । ଚଳିତ ମାସରେ ଏହି ସାନିଟାଇଜର ବଜାରରେ ଉପଲବ୍ଧ ହେବ ବୋଲି ଆଂଶିକ କହିଛନ୍ତି ।

ପୋଷାକରେ କରୋନା କାହାଣୀ

ଇଲିଏନସ୍‌ରେ ରହୁଥିବା ୧୮ବର୍ଷର ଜଣେ ଯୁବତୀ ଏବେ ଇଣ୍ଟରନେଟ୍‌ରେ ଚର୍ଚ୍ଚିତ ହୋଇଯାଇଛନ୍ତି । ଏକାଧିକ ଟେପ୍ ବ୍ୟବହାର କରି ସେ ଏପରି ଏକ ପୋଷାକ ତିଆରି କରିଛନ୍ତି, ଯେଉଁଥିରେ କରୋନା କାହାଣୀ ବର୍ଣ୍ଣନା କରାଯାଇଛି । ପେଟୋନ୍ ମେଙ୍କର ନାମକ ଏହି ଯୁବତୀ ପ୍ରୋମ୍ ପୋଷାକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରିଥିଲେ । ଏହି ପ୍ରତିଯୋଗିତା ପେଟୋନ୍‌ଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା । ସେ ଆରମ୍ଭରୁ ଲିଓନାର୍ଡୋ ଦା ଭିନ୍‌ସିଙ୍କ ଡିଜାଇନ୍ ଅନୁସାରେ ପୋଷାକ ତିଆରି କରିବାକୁ ଇଚ୍ଛା କରିଥିଲେ ବି ତାଲାବନ୍ଦ ଯୋଗୁ ସୁବିଧା ହୋଇନଥିଲା । ତେଣୁ ସେ କରୋନା ସଂକ୍ରମଣର କାହାଣୀକୁ ନେଇ ପୋଷାକ ପ୍ରସ୍ତୁତ କରିବାକୁ ଯୋଜନା କଲେ । ଏଥିପାଇଁ ତାଙ୍କ ୪୦୦ ଘଣ୍ଟା ସମୟ ଲାଗିଥିଲା । କାଳେ ସହପାଠିନୀମାନେ ତାଙ୍କ ପୋଷାକ ଦେଖି ପରିହାସ କରିବେ, ସେଥିପାଇଁ ସେ ଏହା ସେମାନଙ୍କଠାରୁ ଲୁଚାଇ ରଖିଲେ । ତେବେ ପେଟୋନ୍‌ଙ୍କ ମା' ସୁଜି ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷାକର ଫଟୋ ଶେୟାର କରିବା ପରେ ଏହା ଖୁବ୍ ଭାଇରାଲ ହେବାରେ ଲାଗିଲା । ଏହି ଫଟୋ ୨୫ହଜାର ଥର ଶେୟାର କରାଯାଇସାରିଲାଣି । ଏଥିରେ ସେ ମାସ୍କ ପିନ୍ଧିଥିବା ଡାକ୍ତର, କରୋନା ପ୍ରଭାବରୁ ମୁକ୍ତ ରହିବା ଲ । ଗ ଭୟରେର ଧାଉଁଥିବା ଲୋକ, ଏପରିକି ଏହି ମହାମାରୀ ଦେଖି ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଥିବା ଲୋକଙ୍କୁ ଦେଖାଇଛନ୍ତି । ପ୍ରୋମ୍ ପ୍ରତିଯୋଗିତା ଜୁଲାଇ ୨୧ରେ ହେବାକୁ ଥିବା ବେଳେ ତାଙ୍କ ପୋଷାକ ସାରା ବିଶ୍ୱରେ ଏତେ ଚର୍ଚ୍ଚିତ ହୋଇସାରିଥିବା ଦେଖି ପେଟୋନ୍ ଖୁସିରେ ଆତ୍ମହରା ହୋଇଯାଇଛନ୍ତି । ବିଶ୍ୱବାସୀଙ୍କର ପ୍ରଶଂସା ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ପ୍ରତିଯୋଗିତାରୁ ଯାହା ଅର୍ଥ ମିଳିବ, ସେସବୁ ସେ କଲେଜ ପାଣ୍ଠିରେ ଜମା କରିଦେବେ ବୋଲି ପେଟୋନ୍ କହିଛନ୍ତି ।

ସବୁଠାରୁ ଦାମୀ ଅଙ୍ଗୁର

ନାଁ ହେଉଛି ରୁବି ରୋମାନ୍ । ମିଠା ରସରେ ଭରପୂର । ଏହା ହେଉଛି ଜାପାନ୍‌ରେ ଉତ୍ପାଦିତ ଏକ ସ୍ୱତନ୍ତ୍ର ପ୍ରକାରର ଅଙ୍ଗୁର ଯାହାକୁ ଏବେ ବିଶ୍ୱର ସବୁଠୁ ଦାମୀ ଅଙ୍ଗୁର କୁହାଯାଉଛି । କହିବାକୁ ଗଲେ ଅଙ୍ଗୁରର ଦାମ୍ କିଲୋ ପିଛା ଭାରତୀୟ ମୁଦ୍ରାରେ ୭ ଲକ୍ଷ ୫୦ ହଜାର ଟଙ୍କା ହେବ । ଗତ ୧୨ ବର୍ଷ ମଧ୍ୟରେ 'ରୁବି ରୋମାନ' ଅଙ୍ଗୁରର ଏହା ହେଉଛି ସର୍ବାଧିକ ମୂଲ୍ୟ । ରୁବି ରୋମାନ୍ ଗୋଟିଏ ଅଙ୍ଗୁରର ଓଜନ ୨୦ ଗ୍ରାମ୍‌ରୁ ବି ଅଧିକ ହୋଇଥାଏ । ଇଶିକୋୟା ପରଫେକ୍‌ବୁଆଲ ନାମକ ଏକ ସଂସ୍ଥା ଏହି ମୂଲ୍ୟବାନ ଅଙ୍ଗୁର ଉତ୍ପାଦନ କରୁଛନ୍ତି ।



ସରୋବରରେ ରହିଛି ନାଗମଣି

ଭାରତରେ ଆଜି ବି ଅନେକ ଅଜ୍ଞାତ ସ୍ଥାନ ଅଛି, ଯେଉଁଠି ବିଶ୍ୱାସ କରାଯାଏ ଯେ ବହୁମୂଲ୍ୟ ଧନସମ୍ପତ୍ତି ଲୁକ୍କାୟିତ ରହିଛି । ହେଲେ ସେଇ ଧନସମ୍ପତ୍ତି କାହାର ହାତକୁ ଆସିନାହିଁ । କୁହାଯାଏ ଯେ ସେଇ ସ୍ଥାନରେ ଥିବା ଗୁପ୍ତ ମାର୍ଗ ଲୋକଙ୍କୁ ମୂଲ୍ୟବାନ ଧନସମ୍ପତ୍ତି ପର୍ଯ୍ୟନ୍ତ ନେଇଯାଇଥାଏ । ହେଲେ ସେଇ ଗୁପ୍ତ ମାର୍ଗ ପର୍ଯ୍ୟନ୍ତ ଯିଏ ପହଞ୍ଚିଛି ତା'ର ଜୀବନ ଚାଲିଯାଇଛି । ଏମିତି ଏକ ସ୍ଥାନ ହେଉଛି କୁସୁମ ସରୋବର । ଭାରତର ଉତ୍ତର ପ୍ରଦେଶ ରାଜ୍ୟ ମଥୁରା ଜିଲ୍ଲାରେ ଅବସ୍ଥିତ । ଏହି ସରୋବର ଗୋବର୍ଦ୍ଧନ ଏବଂ ରାଧା କୁଣ୍ଡ ମଝିରେ ଥିବା ପବିତ୍ର ଗୋବର୍ଦ୍ଧନ ପର୍ବତରେ ରହିଛି । ଏହା ପାଖରେ ନାରଦ କୁଣ୍ଡ ଅବସ୍ଥିତ । ଏହିଠାରେ ନାରଦ ଭକ୍ତି ସୂତ ଛନ୍ଦ ଲେଖିଥିଲେ । ହେଲେ କୁସୁମ ସରୋବର ଏମାନଙ୍କଠାରୁ ଭିନ୍ନ । କୁସୁମ ସରୋବର ଦେଖିବାକୁ ଯେତିକି ସୁନ୍ଦର ସେତିକି ରହସ୍ୟମୟ ମଧ୍ୟ । ପୌରାଣିକ ମାନ୍ୟତା



ଅନୁସାରେ ଭଗବାନ କୃଷ୍ଣ ରାଧାଙ୍କୁ ଦେଖା କରିବାକୁ କୁସୁମ ସରୋବରକୁ ଆସୁଥିଲେ । ଏହି ସ୍ଥାନ ରାସ କ୍ରୀଡ଼ା ପାଇଁ ମଧ୍ୟ ପରିଚିତ । କିନ୍ତୁ ଏହି ସ୍ଥାନକୁ ନେଇ ଏକ ରହସ୍ୟମୟ ତଥ୍ୟ ଯୋଡ଼ି ହୋଇଛି । ଲୋକଙ୍କ ବିଶ୍ୱାସ ଯେ କୁସୁମ ସରୋବରରେ ପରଶ ମଣି ଏବଂ ଇଚ୍ଛାଧାରୀ ନାଗ ମଣି ରହିଛି, ଯାହାର ମୂଲ୍ୟ ବହୁ ଅଧିକ । ବହୁ ଲୋକ ଏହି ମୂଲ୍ୟବାନ ଜିନିଷକୁ ପାଇବାକୁ ଚେଷ୍ଟା କରିଛନ୍ତି । ହେଲେ କାହାର ହାତରେ ଆସ ନାହିଁ । କୌଣସି ବି ଲୋକ ସରୋବର ସେଇ ମାର୍ଗ ପର୍ଯ୍ୟନ୍ତ ପହଞ୍ଚିପାରିନାହାନ୍ତି, ଯେଉଁଠି ପରଶ ମଣି ଏବଂ ନାଗମଣି ରହିଛି । କୁହାଯାଏ ଯେ ସେଇ ମୂଲ୍ୟବାନ ମଣିକୁ ହାସଲ କରିବା ଚକ୍କରରେ ବହୁତ ଲୋକ ସେମାନଙ୍କ ଜୀବନ ଦେଇଛନ୍ତି । ଯେଉଁ ବି ବ୍ୟକ୍ତି ମଣିର ସନ୍ଧାନରେ ଆସନ୍ତି କିଏ ଅନ୍ଧ ହୁଏ ତ ଆଉ କାହାର ଗୋଡ଼ହାତ ଅଚଳ ହୋଇଯାଏ । ତେରୁ ଏହି କାରଣରୁ ସରୋବରରେ କେହି ବ୍ୟକ୍ତି ଗାଧୋଇ ନଥାନ୍ତି । ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ କେବଳ ବାହାରୁ ସରୋବରର ସୌନ୍ଦର୍ଯ୍ୟ ଦେଖି ଫେରିଥାନ୍ତି । ଐତିହ୍ୟ ମାନ୍ୟତା ଅନୁସାରେ ୧୬୭୫ରେ ଓର୍ଚ୍ଚା ଶାସନ ବୀର ସିଂହଙ୍କ ଦ୍ୱାରା ସରୋବରକୁ ପୁନରୁଦ୍ଧାର କରାଯାଇଥିଲା । ଏହାପରେ ରାଜା ସୂରଜ ମଲ ତାଙ୍କ ସ୍ତ୍ରୀଙ୍କ ପାଇଁ ଏହି ସରୋବରକୁ ନୂଆ ରୂପ ଦେଇଥିଲେ । ମହାରାଜା ସୂରଜ ମଲଙ୍କ ପୁଅ ଜୱାହର ସିଂହ ୧୭୬୪ରେ ପିତାଙ୍କ ଉଦ୍ଦେଶ୍ୟରେ ଏହି ସ୍ଥାନରେ ସ୍ମାରକ ତିଆରି କରିଥିଲେ ।

ବିଲେଇଠାରୁ ଦୂରେଇ ରହନ୍ତୁ



ବିଲେଇ ଏକ ଗୃହପାଳିତ ପଶୁ । ପିଲାମାନଙ୍କୁ କୁକୁର, ବିଲେଇଙ୍କ ସହ ଖେଳିବାକୁ ଭଲ ଲାଗେ । କିନ୍ତୁ ଏହି ବିଲେଇ ମଣିଷ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ଏଭଳି ସତର୍କ ସୂଚନା ମିଳିଛି ଏକ ଗବେଷଣାରୁ । ପୋଷା ବିଲେଇ ଓ ମାନସିକ ରୋଗ ବିଷୟବସ୍ତୁକୁ ନେଇ ବ୍ରିଟେନ୍‌ସ୍ଥିତ ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନ୍‌ର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ । ପ୍ରତିଦିନ ବିଲେଇ ସହ ଘଣ୍ଟା ଘଣ୍ଟା ବିତାଉଥିଲେ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଲା ଯେ ଏମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ ମାନସିକ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା । ବିଶେଷଜ୍ଞମାନେ କହିଛନ୍ତି ଯେ, ପୋଷା ବିଲେଇ ସହ ଅଧିକାଂଶ ସମୟ ବିତାଇଲେ ତାହାର ପ୍ରଭାବ ସଂପୃକ୍ତ ବ୍ୟକ୍ତିଙ୍କର ମାନସିକ ସ୍ଥିତି ଉପରେ ପଡ଼ିଥାଏ । ପୁଣି ଭବିଷ୍ୟତରେ ସେହି ବ୍ୟକ୍ତି ମାନସିକ ରୋଗଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଏଭଳି କଥା ସମ୍ପର୍କରେ କିପରି ଅଧିକ ତଥ୍ୟ ମିଳିପାରିବ ସେ ନେଇ ଉକ୍ତ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଚେଷ୍ଟା ଜାରି ରଖିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୬ ଜୁଲାଇ ୨୦୨୦, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ...

ଓଡ଼ିଶାରେ କୋଭିଡ୍-୧୯ ସଂକ୍ରମଣ କ୍ରମଶଃ ଅନିୟନ୍ତ୍ରିତ ହେଉଥିବା ସ୍ପଷ୍ଟ ହେଉଛି । ସବୁଠାରୁ ଉଦ୍‌ବେଗଜନକ ହେଉଛି ଜୀବନ ସଂଗ୍ରାମରେ ରୋଗୀଙ୍କ ପାଇଁ ଆଶା ଓ ଆଶ୍ୱାସନାର ସ୍ଥାନ ଭାବେ ବିବେଚିତ ଡାକ୍ତରଖାନା ଭିତରକୁ ଭୂତାଣୁ ପ୍ରବେଶ କରିଛି । କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର ଇତିମଧ୍ୟରେ ହଟସ୍ପଟ୍ ପାଲଟିବା ପରେ ଡାକ୍ତରଖାନାରେ ମଧ୍ୟ ରୋଗୀ ସୁରକ୍ଷିତ ନୁହେଁ- ଏହି ଆଶଙ୍କାରେ ସୃଷ୍ଟି ହୋଇଛି । ତତ୍‌ସହିତ କଟକ ବଡ଼ ଡାକ୍ତରଖାନା ଏବଂ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଡାକ୍ତର, କର୍ମଚାରୀ ଓ ରୋଗୀମାନେ ସଂକ୍ରମିତ ହେଉଥିବାରୁ ଏହି ଆଶଙ୍କା ଆହୁରି ବଢୁଛି । କଟକ କର୍କଟ କେନ୍ଦ୍ରରୁ ଗୁରୁବାର ଗୋଟିଏ ଦିନରେ ୫୫ ଜଣ ରୋଗୀ ସଂକ୍ରମିତ ହୋଇଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୦ ପାର ହୋଇଛି । ସମୟ ଗଡ଼ିଚାଲିବା ସହିତ ହୁଏତ ସଂକ୍ରମିତଙ୍କ ସଂଖ୍ୟା ଆହୁରି ବଢ଼ିପାରେ । ସେହିପରି କଟକ ବଡ଼ ଡାକ୍ତରଖାନାରେ ଗୁରୁବାର ଆଉ ୧୧ ଜଣଙ୍କ ନମୁନା ପଜିଟିଭ୍ ଆସିଛି । ନୂଆ ରୋଗୀଙ୍କୁ ମିଶାଇ ସେଠାରେ ସଂକ୍ରମିତଙ୍କ ସଂଖ୍ୟା ୩୦ ଟପିଛି । ଭୁବନେଶ୍ୱର ଏମ୍‌ସର ୭ ଜଣ ଡାକ୍ତର ସଂକ୍ରମିତ ହୋଇଛନ୍ତି । ଯେଉଁ ଗତିରେ ସଂକ୍ରମଣ ବଢ଼ିଚାଲିଛି ସେଥିରେ ଡାକ୍ତରଖାନାରେ ଗଣ-ସଂକ୍ରମଣ ଆଶଙ୍କାକୁ ଏଡ଼ାଇ ହେବନାହିଁ । ଓଡ଼ିଶା ତଥା ପୂର୍ବ ଭାରତର ଏକ ଭରସାଯୋଗ୍ୟ ଓ ବୃହତ୍ ଡାକ୍ତରଖାନା ଭାବରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ (ଏସ୍‌ସିବି) ବା କଟକ ବଡ଼ ଡାକ୍ତରଖାନାର ଏକ ସ୍ୱତନ୍ତ୍ର ପରିଚୟ ଓ ଗରିମା ରହିଛି । ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଦୈନିକ ସହସ୍ରାଧିକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆସୁଛନ୍ତି । କଟକ ସହର ବହୁ କାଳରୁ ରାୟର ବ୍ୟବସାୟିକ ପେଣ୍ଠ ଭାବରେ ଜଣାଶୁଣା । ଏଠାରେ ରାଜ୍ୟର ଉଚ୍ଚତମ ନ୍ୟାୟାଳୟ ମଧ୍ୟ ରହିଛି । ତେଣୁ ବିଭିନ୍ନ କାମରେ ସହରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହେଉଛି । ଏଭଳି ପରିସ୍ଥିତିରେ ଯଦି କଟକ ବଡ଼ ମେଡିକାଲ ଓ କର୍କଟ କେନ୍ଦ୍ରରେ କୋଭିଡ୍-୧୯ ଗଣ-ସଂକ୍ରମଣ ରୂପ ନିଏ ତେବେ ସ୍ଥିତି ସାଂଘାତିକ ହୋଇଯିବ । ଗୋଟିଏ ଦିନରେ କଟକର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନାରୁ ଏତେ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେବା ଅନେକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ମେଡିକାଲ୍‌ରେ ଯେଉଁଭଳି ଭାବେ ସୁରକ୍ଷା ଓ ବିଶୋଧନ ବ୍ୟବସ୍ଥା ଅନୁପାଳନ ହେବା କଥା ସେଥିରେ ତ୍ରୁଟି ରହିଯାଇଥିବା ମନେ ହେଉଛି । ସେହିପରି ଜୀବନକୁ ବିପନ୍ନ କରି ଚିକିତ୍ସା ଓ ସେବା କାର୍ଯ୍ୟରେ ନିୟୋଜିତ ଡାକ୍ତର, ନର୍ସ, କର୍ମଚାରୀଙ୍କ ଆବଶ୍ୟକ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଓ ସରକାର ଯେତିକି ଗମ୍ଭୀର ଓ ଯତ୍ନବାନ ହେବା କଥା ତାହା ପରିଲକ୍ଷିତ ହେଉନାହିଁ । ଯଦି ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ସଂକ୍ରମଣର ବଢ଼ିବ ତେବେ ସ୍ୱାସ୍ଥ୍ୟ ସେବା ଗୁରୁତର ପ୍ରଭାବିତ ହେବ ଏବଂ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଆହୁରି ବଢ଼ିବ । ଏହା ଜନସାଧାରଣଙ୍କ ପାଇଁ ଯେତିକି ଉଦ୍‌ବେଗଜନକ, ଶାସନ-ପ୍ରଶାସନ ପାଇଁ ତା'ଠାରୁ ଅଧିକ ଆହ୍ୱାନପୂର୍ଣ୍ଣ । ବିପର୍ଯ୍ୟୟ ପରିଚାଳନାରେ ସୁନାମ ଅର୍ଜନ କରିଥିବା ଓଡ଼ିଶା ଅପବାଦ ବହନ ନକରୁ । ସରକାର ଏ ଦିଗରେ ବେଳ ହୁଁ ବିହିତ ଓ ତ୍ୱରିତ ପଦକ୍ଷେପ ନିଅନ୍ତୁ ।

ଧନ୍ୟ ପ୍ରଭୁ ଜଗନ୍ନାଥ

ଅଶୋକ କୁମାର ପ୍ରଧାନ

ସବୁ ଯାତନକୁ ଏଡ଼ାଇ ପ୍ରଭୁ ହେ
ବଡ଼ଦାଣ୍ଡେ ଗଡ଼େ ରଥ
ଶତ ପ୍ରତୀକ୍ଷାର ଅନ୍ତ ହେଲା ଆଜି
ଧନ୍ୟ ପ୍ରଭୁ ଜଗନ୍ନାଥ ।

ପ୍ରତୀକ୍ଷିତ ଆଶା ହୋଇଲା ପୂରଣ
ତୁମ କୃପା ବଳେ ପ୍ରଭୁ
ଭକତ ବିକଳ ବୁଝିନେଇ ସତେ
ମର୍ଯ୍ୟାଦା ରଖିଲ ବିଭୁ ।

ତୁମ ନନ୍ଦିଘୋଷ ବଡ଼ଦାଣ୍ଡେ ଗଲେ
ଭକ୍ତ ମନ ହୁଏ ବାଉ
ଭକତ ହୃଦର ସକଳ ଯାତନା
ଆପେ ଯାଏ ଧୋଇ ହୋଇ ।

ତାଳଧ୍ୱଜା ଆଉ ଦର୍ପଦଳନକୁ
ସାଥିରେ ମିଶାଇ ନିଅ
ଭକତି ପ୍ରାଣରେ ଭକ୍ତି ଗୁଣ କଥା
ଆହା କେତେ ଭରିଦିଅ ।

ଭରଷକୁ ଥରେ ଯାତରା କରୁଛ
ରତ୍ନସିଂହାସନ ତେଜି
ରଥୋପରେ ଦେଖବ ତୁମ ଭକ୍ତ ଗଣେ
ଭକ୍ତ ଭାବେ ଯାନ୍ତି ହଜି ।

ବାମନ ରୂପକୁ ନେତ୍ରେ ଦେଖି ଆହା
ଭକ୍ତ ହୁଏ ନିଜେ ଧନ୍ୟ
କେ କହି ପାରିବ ତୁମ ଦିବ୍ୟ ଲୀଳା
କିଏ ତୁମ ସାଥେ ଗଣ୍ୟ ।

କେତେ ରୂପ ତମ ନାହିଁ ପଟାନ୍ତର
ବାରମାସେ ତେର ବେଶ
ତୋ ରୂପ ସକଳ ଭକତ ମନରୁ
ହରେ ସର୍ବ ଦୁଃଖ କ୍ଲେଶ ।

ତୋ ବଡ଼ ଦେଉଳ ତୋର ବଡ଼ପଣ୍ଡା
ତୋ ରଥ ଦଉଡ଼ି ଧରି
ସର୍ବ ପାପ ଆମ ଧୋଇ ହୃଦୟରୁ
ପୁଣ୍ୟ ମାର୍ଗେ ଯିବୁ ଚଢ଼ି ।

ପତିତପାବନ ବାନା ସିନା କରେ
ପତିତର ଉଦ୍ଧାରଣ
ଆମ ପାଇଁ ପ୍ରଭୁ କାଳାତୀତ ତୁମେ
ସକଳ ମୋକ୍ଷ କାରଣ ।

ତୁମେ ହିଁ ଅନନ୍ତ ତୁମେ ହିଁ ଅବ୍ୟକ୍ତ
ତୁମେ ହିଁ ମଙ୍ଗଳମୟ
ଏ ବେନି ନୟନ ତୁମ ରଥଯାତ
ସଦା ଦେଖୁ ଦୟାମୟ ।

ଏ କଳି କାଳର କଳୁଷ ଭଞ୍ଜନ
ଆହେ ପ୍ରଭୁ ଜଗନ୍ନାଥ
ଏ ଜୀବନ ରଥ ନେବ ହେ କମାଇ
ଦେଇ ତବ ଦିବ୍ୟ ପଥ ।

ତୁମ ପରି ଦେବ ଏ ମର୍ତ୍ତ୍ୟେ ଦୁର୍ଲ୍ଲଭ
କେଉଁଠି ପାଇବୁ କୁହ
ତୁମରି ସ୍ମରଣେ ତୁମରି ଚିନ୍ତନେ
ଭକ୍ତି ବହେ ହୋଇ ଲୁହ ।

ତୁମରି ଆଶ୍ରାରେ ରହିଛୁ ରହିବୁ
ବଞ୍ଚିଥିବୁ ଯେତେଦିନ
ଏ ଶରୀର ରଥେ ବିଜେ କଲେ ପ୍ରଭୁ
କରିବୁ ନିତ୍ୟ ଦର୍ଶନ ।

ମନୁଆ ଠାକୁର ଏ ମନ ମନ୍ଦିରେ
ନିତି କରୁଥିବୁ ଦେଖା
ତୁମେ ଆମ ପୂଜ୍ୟ ସକଳ ଦେବତା
ଆମ ପ୍ରାଣବନ୍ଧୁ ସଖା ।

+ (ଶିକ୍ଷକ) ରୋହିଗାଁ, ଗଞ୍ଜାମ
ମୋ: ୮୨୪୯୧୧୯୧୩୦

ଡ.ସମନ୍ୱୟ ନନ୍ଦ

ଏକ ପରାଜିତ ଭିକ୍ଷୁ ଠାରୁ ବିଶ୍ୱର ସର୍ବମାନ୍ୟ ନେତା ପର୍ଯ୍ୟନ୍ତ ଦଲାଇଲାମାଙ୍କ ଯାତ୍ରା

ଦଲାଇଲାମାଙ୍କ ୮୫ ତମ ଜନ୍ମଦିବସ (୦୬ ଜୁଲାଇ) ଉପଲକ୍ଷେ :-

ଚୀନର ଦାନବତା ବିରୁଦ୍ଧରେ ଲଢେଇ ଲଢୁଥିବା ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ତଥା ତିବତର ଆଧ୍ୟାତ୍ମିକ ମୁଖ୍ୟ ହେଉଛନ୍ତି ପରମ ପାବନ ଦଲାଇଲାମା । ପରମପାବନ ଦଲାଇଲାମା କେବଳେ ତିବତର ଶାସନମୁଖ୍ୟ ନୁହନ୍ତି । ସେ ତିବତର ସର୍ବୋଚ୍ଚ ଧର୍ମଗୁରୁ ମଧ୍ୟ ଅଟନ୍ତି । କିଛି ଲୋକ ତାଙ୍କୁ ଜୀବନ୍ତ ବୁଦ୍ଧ ବୋଲି ମଧ୍ୟ କହିଥାନ୍ତି । ତିବତ ଉପରେ ଯେତେବେଳେ ମାଓର ଲାଲ ସେନା ଅଧିକାର କଲା ସେତେବେଳେ ଦଲାଇଲାମାଙ୍କ ବୟସ ଖୁବ କମ ଥିଲା ।୧୯୫୦ ମସିହାରେ ଲାହାସା ଠାରେ ୧୬ ବର୍ଷୀୟ ଦଲାଇଲାମାଙ୍କୁ ତିବତର ଶାସକ ଭାବରେ ଅଭିଷିକ୍ତ କରାଯାଇଥିଲା ୧୯୫୦ ମସିହାରେ ମାଓର ଲାଲ ସେନା ତିବତରେ ପ୍ରବେଶ କରି ତିବତକୁ ଅଧିକାର କରିବା ପ୍ରକ୍ରିୟା ଆରମ୍ଭ କରି ଦେଇଥିଲା । ୧୯୫୯ ମସିହା ଆସୁ ଆସୁ ସମଗ୍ର ତିବତ ଚୀନର କବଳିତ ହୋଇ ସାରିଥିଲା । ଶେଷରେ ୧୯୫୯ ମସିହାରେ ତିବତ ଛାଡି ଭାରତରେ ଶରଣ ନେଇଥିଲେ ।

ଏହି ଘଟଣାକୁ ୬୧ ବର୍ଷରୁ ଉର୍ଧ ବିତି ସାରିଲାଣି । ଯେତେବେଳେ ଦଲାଇଲାମା ତିବତ ଛାଡି ଭାରତ ଆସିଲେ ସେତେବେଳେ ତାଙ୍କର କେହି ମିତ୍ର ନ ଥିଲେ । ସେତେବେଳେ ସେ ଜଣେ ପରାଜିତ ଧାର୍ମିକ ଶାସକ ଥିଲେ । କିଛି ଶରଣାର୍ଥୀଙ୍କୁ ନେଇ ସେ ଭାରତରେ ପହଂଚି ଥିଲେ ଓ ଏହି ଶରଣାର୍ଥୀ ମାନଙ୍କର ସେ ନେତା ଥିଲେ ।

ତେବେ ଏହି ଘଟଣାର ଛଅ ଦଶନ୍ଧି ବିତି ସାରିବା ପରେ ପରିସ୍ଥିତି ସମ୍ପୂର୍ଣ ଭିନ୍ନ । ଦଲାଇଲାମାଙ୍କର ସବୁଠାରୁ ବଡ ଉପଲବ୍ଧି ହେଲା ଯେ ସେ ଏହି ପଚାଶ ବର୍ଷରୁ ଉର୍ଧ ସମୟ ମଧ୍ୟରେ ସେ ଏକ ମିତ୍ର ବିହୀନ ଭିକ୍ଷୁ, ପରାଜିତ ଧାର୍ମିକ ଶାସକ ଓ କିଛି ଶରଣାର୍ଥୀ ମାନଙ୍କର ନେତା ସ୍ତରରୁ ଉପରକୁ ଉଠି ଏହି ଯୁଗର ସବୁଠାରୁ ସମ୍ମାନିତ ବ୍ୟକ୍ତି ଏବଂ ସର୍ବମାନ୍ୟ ବିଶ୍ୱନେତା ହୋଇ ପାରିଛନ୍ତି ।

ଦଲାଇଲାମାଙ୍କୁ ଯେତେବେଳେ ୧୯୫୦ ମସିହାରେ ତିବତର ଶାସକ ଭାବରେ ଅଭିଷେକ କରାଗଲା ସେତେବେଳେ ତାଙ୍କର କୂଟନୈତିକ ସ୍ତରରେ ତିଳେ ହେଲେ ଅଭିଜ୍ଞତା ନ ଥିଲା । ବିଶ୍ୱ ରାଜନୀତିରୁ ସବୁ ବେଳେ ଦୂରରେ ରହୁଥିବା କାରଣରୁ ଚୀନ ଦ୍ୱାରା ତିବତ ଅଧିକାର ସମୟରେ କୌଣସି ଦେଶ ତାଙ୍କ ସହିତ ଠିଆ ହୋଇ ନ ଥିଲା । ଏପରିକି ଭାରତ ମଧ୍ୟ ତିବତର ସହାୟତା କରି ନ ଥିଲା । ତିବତ ଭାରତ ଠାରୁ ଏହି ସଙ୍କଟ ସମୟରେ ସହଯୋଗ ଆଶା କରିଥିଲା । ମାତ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ ଚୀନର କମ୍ୟୁନିଷ୍ଟ ନେତା ମାନଙ୍କ ଦ୍ୱାରା ଏତେ ମାତ୍ରାରେ ଭୟଭୀତ ବା ପ୍ରଭାବିତ ଥିଲେ ଯେ ତିବତ ସମ୍ପର୍କରେ ବିଶ୍ୱରେ ଆନ୍ତର୍ଜାତିକ ଜନ ମତ ତିଆରି କରିବାକୁ ଚେଷ୍ଟା କରିବା ତ ଦୂରର କଥା ମିଳିତ ଜାତିସଂଘରେ ଚୀନ ଦ୍ୱାରା ତିବତକୁ ପରାଧୀନ କରାଯିବା ଘଟଣା ଉପରେ ଚାଲିଥିବା ବିତର୍କକୁ ମଧ୍ୟ ନେହେରୁ ବନ୍ଦ କରାଇ ଦେଇଥିଲେ । କିନ୍ତୁ ନେହେରୁଙ୍କ ଦ୍ୱାରା ତିବତ ପ୍ରତି କରାଯାଇଥିବା ଏହି ବିଶ୍ୱାସଘାତକତାର ଫଳ ଭାରତବର୍ଷକୁ ଉଠାଇବାକୁ ପଡିଥିଲା । ହିନ୍ଦୀ ଚୀନ ଭାଇ ଭାଇର ସ୍ଲୋଗାନରେ ପଣ୍ଡିତ ନେହେରୁ ମସଗୁଲ ଥିବା ବେଳେ ଚୀନ ୧୯୬୨ ମସିହାରେ ଭାରତ ଉପରେ ଆକ୍ରମଣ କରିଥିଲା ଓ ବର୍ତମାନ ସୁଦ୍ଧା ହଜାର ହଜାର ବର୍ଗ ମାଇଲ ଭାରତୀୟ ଭୂମି ଚୀନ କବଳରେ ରହିଛି । ଆଜି ମଧ୍ୟ ବାସ୍ତବିକ ନିୟନ୍ତ୍ରଣ ରେଖାରେ ଗଲବାନ ଘାଟିରେ ଉତେଜନା ଲାଗି ରହିଛି ।

ଗତ ୬୦ ବର୍ଷ ମଧ୍ୟରେ ପରମ ପାବନ ଦଲାଇଲାମା ନିଜକୁ ବିଶ୍ୱ ସ୍ତରର ଏକ ଅଦ୍ୱିତୀୟ ଜନନେତା ଭାବେ ପ୍ରତିପାଦିତ କରି ପାରିଛନ୍ତି । ଯେତେବେଳେ ପରମପାବନ ଦଲାଇଲାମା ତିବତରୁ ନିର୍ବାସିତ ହୋଇ ଭାରତ ଆସିଲେ ତା ପରେ ଅନେକ ଦେଶ ତାଙ୍କୁ ଯାତ୍ରା ପାଇଁ ଭିସା ପ୍ରଦାନ କରୁ ନ ଥିଲେ । କିନ୍ତୁ ଏହାକୁ ଦଲାଇଲାମାଙ୍କ ସବୁଠାରୁ ବଡ ଉପଲବ୍ଧି ବୋଲି କୁହାଯିବ ନା ତିବତ ପ୍ରତି ବଢୁଥିବା ନୈତିକ ସମର୍ଥନ ଯେ ବର୍ତମାନ ସୁଦ୍ଧା ଜାତିସଂଘ ବ୍ୟତୀତ ୟୁରୋପୀୟ ପାର୍ଲାମେଂଟ , ଅଷ୍ଟ୍ରେଲିଆ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ, କାନାଡା, ବେଲଜିୟମ ଆଦି ୧୭ଟି ଦେଶର ସଂସଦ ତିବତର ଜନସାଧାରଣଙ୍କର ସଂଘର୍ଷ ଓ ମାନବାଧିକାର ସମର୍ଥନରେ ୪୦ରୁ ଉର୍ଧ ପ୍ରସ୍ତାବ ଗୃହୀତ ହୋଇ ସାରିଛି ।

ପରମ ପାବନ ଦଲାଇଲାମା ସବୁବେଳେ ଭାରତକୁ ଗୁରୁ ରାଷ୍ଟ୍ର ବୋଲି ମନେ କରନ୍ତି ଓ ତିବତକୁ ଶିଷ୍ୟ ରାଷ୍ଟ୍ର ବୋଲି କହିଥାନ୍ତି । ସେ କହନ୍ତି ଯେ ଭାରତର ଗୁରୁଶିଷ୍ୟ ପରମ୍ପରା ଅନୁସାରେ ଭାରତ ହେଉଛି ଗୁରୁ ଓ ତିବତ ହେଉଛି ଶିଷ୍ୟ । କାରଣ ତିବତ ଯାହା ଶିଖିଛି ଓ ତିବତୀୟ ମାନଙ୍କ ପାଖରେ ଯାହା ରହିଛି ତାହା ଭାରତ ଠାରୁ ହିଁ ପାଇଛନ୍ତି । କିନ୍ତୁ ବର୍ତମାନ ଯେତେବେଳେ ଶିଷ୍ୟ ସଙ୍କଟରେ ରହିଛି ସେତେବେଳେ ଗୁରୁଙ୍କୁ ମଧ୍ୟ ତାଙ୍କର କର୍ତବ୍ୟ ନିର୍ବାହ କରିବା ଉଚିତ ।

ତିବତର ସଙ୍କଟ ସମୟରେ ଭାରତ ଦ୍ୱାରା କରାଯାଇଥିବା ସମର୍ଥନଙ୍କୁ ଦଲାଇଲାମା ସବୁବେଳେ ମନେ ପକାଇଥାନ୍ତି । ତାଙ୍କୁ ଯେତେବେଳେ ୧୯୮୯ ମସିହା ଡିସେମ୍ବର ୧୦ ତାରିଖ ଦିନ ନୋବେଲ ପୁରସ୍କାର ମିଳିଥିଲା, ସେହି ଅବସରରେ ଦେଇଥିବା ତାଙ୍କ ବକ୍ତବ୍ୟରେ ଭାରତର ପ୍ରଶଂସା କରି କହିଥିଲେ ଯେ " ଆମର ନିର୍ବାସିତ ତିବତୀୟ ସଂପ୍ରଦାୟର ଲୋକ ମାନଙ୍କୁ ଭାରତ ସରକାର ଯଦି ଖୋଲା ହୃଦୟରେ ଶରଣ ଦେଇ ନ ଥାନ୍ତେ ଓ ସହଯୋଗ ପ୍ରଦାନ କରି ନଥାନ୍ତେ ତେବେ ଆମେ ସମ୍ପୂର୍ଣ ଭାବରେ ଭାଙ୍ଗି ଯାଇଥାନ୍ତୁ । ଆମର ସଂସ୍କୃତି, ଧର୍ମ, ପରମ୍ପରା ବର୍ତମାନ ଲୋପ ପାଇ ସାରନ୍ତାଣି ।"

ଭାରତରେ କ୍ଷମତାରେ ଥିବା ସରକାର ଗୁଡିକର ବ୍ୟବହାର ଦଲାଇଲାମା ଓ ତିବତ ପ୍ରତି ଯେପରି ହେଉ ନା କାହିଁକି ଭାରତର ସାଧାରଣ ଜନତା ସବୁ ବେଳେ ଦଲାଇଲାମା ଓ ତିବତର ସମର୍ଥନରେ ଅଛନ୍ତି । କେବଳ କମ୍ୟୁନିଷ୍ଟ ପାର୍ଟୀକୁ ଛାଡି ଦେଲେ ଦେଶର ସମସ୍ତ ରାଜନୈତିକ ଦଳ ସବୁବେଳେ ତିବତକୁ ସମର୍ଥନ ଦେଇଛନ୍ତି । କେତେକ ସୁନାମଧନ୍ୟ କମ୍ୟୁନିଷ୍ଟ ମଧ୍ୟ ତିବତ ସମ୍ପର୍କରେ ନିଜର ଭୁଲକୁ ପରବର୍ତୀ ସମୟରେ ସ୍ୱୀକାର କରିଛନ୍ତି।

ଏପରି ଜଣେ କମ୍ୟୁନିଷ୍ଟ ହେଲେ ପ୍ରସିଦ୍ଧ ସାମ୍ବାଦିକ ଓ ବ୍ରିଟିଶ ପତ୍ରିକାର ପୂର୍ବତନ ସମ୍ପାଦକ ଆର.କେ କରଂଜିଆ । ସେ ୧୯୯୬ ମସିହାରେ କହିଥିଲେ ଯେ " ତିବତର ଘୋର ପୀଡା ସମୟରେ ମୋର ହୃଦୟ ତିବତ ସପକ୍ଷରେ ଥିଲା । ହେଲେ ମୁଁ ତିବତ ପାଇଁ କିଛି କରି ପାରି ନ ଥିଲି । କାରଣ ସେତେବେଳେ ମୁଁ ଜଣେ ଜ୍ଞାନହୀନ ମାର୍କସବାଦୀ ହେବା କାରଣରୁ ତଥ୍ୟ ଗୁଡିକୁ ଠିକ ଭାବେ ବୁଝି ପାରି ନ ଥିଲି । କିନ୍ତୁ ବର୍ତମାନ ମୋ ଭାଗ୍ୟରେ ଦାୟିତ୍ୱରୁ ବର୍ତିବା ପାଇଁ ମା ପାଖରେ କୌଣସି ବାହାନା ନାହିଁ । ଆଜି ମୁଁ ମୋର ଦୋଷକୁ ଅତ୍ୟନ୍ତ ଦୁଃଖର ସହିତ ନିଜର ଅନ୍ତଃକରଣରେ ସ୍ୱୀକାର କରୁଛି । "

ଏହି ଜୀବନ ଯାତ୍ରାରେ ଦଲାଇଲାମା ଏକ ବିଶ୍ୱ ସ୍ତରରେ ସର୍ବମାନ୍ୟ ନେତା ହୋଇ ପାରିଛନ୍ତି ସତ, କିନ୍ତୁ ଚୀନର କବଳରୁ ତିବତ ଓ ତିବତୀୟତାକୁ ମୁକ୍ତ କରିବାରେ ସେ ସଫଳ ହୋଇ ପାରି ନାହାନ୍ତି । କିନ୍ତୁ ଏହି ପରିଣତ ବୟସରଙ୍କ ସେ ଚୀନ ବିରୁଦ୍ଧରେ ସତ୍ୟ ଓ ନ୍ୟାୟର ଲଢେଇ ଜାରୀ ରଖିଛନ୍ତି ।

ପରମପାବନ ଦଲାଇଲାମା ଚୀନ ଭଳି ଆସୁରିକ ଶକ୍ତି ବିରୁଦ୍ଧରେ ସମ୍ପୂର୍ଣ ଅହିଂସାତ୍ମକ ଭାବରେ ଲଢେଇ ଜାରୀ ରଖିଛନ୍ତି । ସେ ପାଶବିକ ଶକ୍ତି ବିରୁଦ୍ଧରେ ସତ୍ୟ, ଧର୍ମ, ନ୍ୟାୟର ଲଢେଇ ଲଢୁଛନ୍ତି । କୁହାଯାଏ ଯେ ସତ୍ୟମେବ ଜୟତେ । ଅର୍ଥାତ ସତ୍ୟ ଓ ଧର୍ମର ବିଜୟ ନିଶ୍ଚିତ ଭାବରେ ହେବ । ତେଣୁ ଦଲାଇଲାମାଙ୍କର ଏହି ସତ୍ୟ ଓ ଧର୍ମର ବିଜୟ ପାଇଁ ଲଢାଯାଉଥିବା ଅହିଂସକ ଯୁଦ୍ଧରେ ପ୍ରତ୍ୟେକ ଭାରତବାସୀଙ୍କୁ ନୈତିକ ସମର୍ଥନ ପ୍ରଦାନ କରିବା ଉଚିତ ।

ଅନ୍ନପୂର୍ଣ୍ଣା ତ୍ରିପାଠୀ

ବ୍ୟଥା

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଘର କାମ ଭିତରେ ମୋର ପ୍ରାଣାୟମ, ବ୍ୟାୟାମ କରିବାକୁ ସମୟ ହେଲାନି। ସେହି ସମୟରେ ସୁବ୍ରତ ଜଣେ ନେଚରପାଥି ଭାଇଙ୍କ ପାଖକୁ ନେଇକି ଗଲେ। ସେଠାରେ ମହିଳା ସେକ୍ସନ ଥିଲା। ସେମାନେ ପୁରା ଶରୀରର ମାଲିସ କରନ୍ତି, ଗରମ ସେକ, ମାଟି ସେକ ଦିଅନ୍ତି, ସପ୍ତାହରେ ଥରେ ଷ୍ଟିମ୍ ବାଥ କରାନ୍ତି। ମୋତେ ଆରାମ ଲାଗିଲା, କିନ୍ତୁ ସେ ଯାଗା ଆମ ଘରଠାରୁ ଦୂର। ଦୁଇ ମାସ ଯିବା ପରେ ଆଉ ଯିବାକୁ ଇଚ୍ଛା ହେଲାନି।

ବର୍ଷେ ପରେ ବୋହୂର ପିଲା ହେଲା। ନାତିକୁ ଦେଖି ମନ ଖୁସି ହେଲା। ସେ ସମୟରେ ମଧ୍ୟ କିଛି ଘର କାମ କରିବାକୁ ପଡ଼ିଲା। ସାନ ଝିଅ ସାହାଯ୍ୟ କରିବାକୁ ଆସିଥିଲା, ତଥାପି ମୋର ତ ଏ ରୋଗ ପୁରୁଣା, କେତେବେଳେ କେମିତି ଅଧିକା ବାହାରି ପଡ଼େ ଓ କଷ୍ଟ ଦିଏ। ଏବେ ଗୋଡ ଛୋଟେଇ ଛୋଟେଇ ଚାଲିଲି।

ଏହା ଭିତରେ ଆଉ ଜଣେ ଅଭିଜ୍ଞ ଅର୍ଥୋପେଡ଼ିକ୍ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଉଥିଲି। କିନ୍ତୁ ବିଶେଷ ଆରାମ ମିଳିଲାନି। ସେ ପୁଣିଥରେ ଅ । ଏକ୍ସରେ କରିବାକୁ କହିଲେ। ମୋର ବ୍ଲଡ଼ ପ୍ରେସର ଥିଲା। ସେ ପ୍ରଥମେ ପ୍ରେସର ଔଷଧ ଦେଲେ ଏବଂ ଏକ୍ସରେ ରିପୋର୍ଟ ଦେଖିଲା ପରେ ସେ ବି ଅ । ଅପରେସନ କଥା କହିଲେ। ମୋର କିନ୍ତୁ ସେତେବେଳେ ଅ । ବ୍ୟଥା ଏତେ ଜଣା ପଡୁନଥିଲା ବରଂ ବାମ ଗୋଡ଼ର ଜଙ୍ଘ ପାଖରୁ କଷ୍ଟ ହେଉଥିଲା।

କିଛିଦିନ ପରେ ହଠାତ୍ ସାନ ଭାଇର ଦେହ ବହୁତ ହେଲା। ସେ ଆସି ଏମ୍ସରେ ଆଡ଼ମିଟ୍ ହେଲା ଏବଂ ତାକୁ ଦେଖିବାକୁ ଗଲି। ଏମ୍ସରେ ଏରିଆ ବହୁତ ବଡ଼ ଏଣୁ ବହୁତ ବାଟ ଚାଲିବାକୁ ପଡ଼େ। ସେ ସମୟରେ ବାମ ଗୋଡଟା ଭାରି କାଟୁଥିଲା।

ମାସେ ପରେ ବଡ଼ ଭାଉଜ ତାଙ୍କ ଘରେ ହଠାତ୍ ପଡ଼ିଗଲେ ଏବଂ ତାଙ୍କର ହିପ୍‌ର ହାଡ଼ ଭାଙ୍ଗି ଗଲା। ସେ ମଧ୍ୟ ଆସି ଏମ୍ସରେ ଆଡ଼ମିଟ୍ ହେଲେ ତାଙ୍କର ହିପ୍ ରିପ୍ଲେସମେ କରିବାକୁ ପଡ଼ିଲା। ତାଙ୍କୁ ଦେଖିଯିବାକୁ ପଡ଼ିଲା। ସେତେବେଳେ ପାଦ ଓ ଗୋଡ଼ ଫୁଲିଯାଇଥିଲା, ଚାଲିବାକୁ ଭାରି କଷ୍ଟ ହେଉଥାଏ। ସେଠାରେ ପୁତୁରାଙ୍କ ସହିତ ଦେଖା ହେଲା। ସେ ମୋତେ ଦେଖି ବ୍ୟସ୍ତ ହେଲେ ଏବଂ କହିଲେ ଖୁଡ଼ି ଚାଲ, ଆଜି ଅର୍ଥୋ ଡ଼ାକ୍ତର ଅଛନ୍ତି ତାଙ୍କୁ ଦେଖା କରିବା ଦେଖିବା ସେ କଅଣ କହୁଛନ୍ତି। ଏ ଭିତରେ ଏମ୍ସରେ ଡାକ୍ତରଙ୍କୁ ଦେଖେଇବା ଦୁଇ ବର୍ଷ ହୋଇଯାଇଥିଲା। ସେଦିନ ଆଉ ଜଣେ ଡ଼ାକ୍ତର ଦେଖିଲେ। ତାଙ୍କ ପରାମର୍ଶରେ ସେଇଠି ଫିଜିଓଥେରାପି କଲି, ସେତେବେଳେ ମୋତେ ବେଶ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ଜୁଲାଇ ୦୬, ୨୦୨୦

ନିର୍ଜନ ଦ୍ୱୀପରେ ରହିଲେ ମିଳିବ ୩୮ ହଜାର ଟଙ୍କା

ସହରରେ କୋଳାହଳ, କଂକ୍ରିଟ ଜଙ୍ଗଲରେ ଅଣନିଃଶ୍ୱାସୀ ହୋଇ ନିରୋଳାରେ ଜୀବନ କାଟିବାରେ ସ୍ୱପ୍ନ ଦେଖୁଛନ୍ତି ? ଆପଣଙ୍କ ପାଇଁ ଆଦର୍ଶ ସ୍ଥାନ ହୋଇପାରେ ଆଣ୍ଟିକ୍ୟାଥେରା ଦ୍ୱୀପ । ଗ୍ରୀସର ଏଥେନ୍ସରୁ ୪୫ ମିନିଟର ଉଡ଼ାଣ । ଆଣ୍ଟିକ୍ୟାଥେରା ଦ୍ୱୀପରେ ଏବେ ବସବାସ କରୁଛନ୍ତି ମାତ୍ର ୨୪ ଜଣ ଲୋକ । ତେଣୁ ସରକାର ଏବେ ଚାହୁଁଛନ୍ତି ବାହାରୁ ଆସି କେହି ଯଦି ଏଠାରେ ବସବାସ କରିବାକୁ ଇଚ୍ଛା କରନ୍ତି ତେବେ ସେମାନଙ୍କୁ ସମସ୍ତ



ପ୍ରକାର ସାହାଯ୍ୟ କରାଯିବ । ଏହାଦ୍ୱାରା ସେଇ ଦ୍ୱୀପର ଜନସଂଖ୍ୟା ବୃଦ୍ଧି ପାଇବ, ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ । ଆଣ୍ଟିକ୍ୟାଥେରା ଦ୍ୱୀପର ବସବାସ କରିବାପାଇଁ ପରିବାର ପିଛା ମାସକୁ ୫୦୦ୟୁରୋ ବା ଭାରତୀୟ ମୁଦ୍ରାର ପ୍ରାୟ ୩୮ ହଜାର ୭୫୦ ଟଙ୍କା ଦେବେ ଗ୍ରୀସ ସରକାର । ଏହା ସହିତ ବିନା ମୂଲ୍ୟରେ ଖାଦ୍ୟ ଏବଂ ବସବାସ କରିବାପାଇଁ ଘର ମଧ୍ୟ ଯୋଗାଇ ଦିଆଯିବ । ଗ୍ରୀସ୍ ସରକାର ସେଇ ସବୁ ପରିବାରକୁ ଅଗ୍ରାଧିକାର ଦେବାକୁ ଚାହୁଁଛନ୍ତି ଯେଉଁମାନଙ୍କର ଅନ୍ତତଃ ୩ଟି ସନ୍ତାନ ଅଛନ୍ତି । ଏତେଦୂର ପଢ଼ିବା ପରେ ସେହି ଦ୍ୱୀପକୁ ଯିବା ପାଇଁ ବ୍ୟାଗ୍ ସଜାଡୁଛନ୍ତି ବା ସେଠାରେ ରହିବାର ସ୍ୱପ୍ନ ଦେଖୁଛନ୍ତି ? ତେବେ ତାହା ପୂର୍ବରୁ କେତୋଟି କଥା ଜାଣି ରଖିବା ଦରକାର । ଯେମିତିକି ସେହି ଦ୍ୱୀପରେ ବିଦ୍ୟୁତ, ଇଣ୍ଟରନେଟ ଥିଲେ ମଧ୍ୟ କୌଣସି ଏଟିଏମ୍ ନାହିଁ । ପୁଣି ଦୋକାନ ବଜାର ସଂଖ୍ୟା ଖୁବ୍ କମ୍ । ତେବେ ଜନସଂଖ୍ୟା ବୃଦ୍ଧି ପାଇଲେ ସେହି ସମସ୍ୟା ମଧ୍ୟ ଦୂର ହୋଇଯିବ ବୋଲି ପ୍ରଶାସନ ଆଶା କରିଛି । ଚାହିଦା ବଢ଼ିଲେ ଦୋକାନ ବଜାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ । ତେଣୁ ମନରେ ଇଚ୍ଛା ବା ସାହାସ ଥିଲେ ଆଣ୍ଟିକ୍ୟାଥେରା ଦ୍ୱୀପରେ ପହଂଚିଯାଇପାରନ୍ତି, ସାରା ଜୀବନ ଶାନ୍ତିରେ ରହିବାପାଇଁ ।

ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ଭୁର୍ସୁଙ୍ଗ ପତ୍ର

ଆମେ ପ୍ରାୟ ଆମର ପ୍ରତିଦିନର ଖାଦ୍ୟରେ ଭୁର୍ସୁଙ୍ଗ ପତ୍ର ବ୍ୟବହାର କରିଥାଉ । ଏହି ଭୁର୍ସୁଙ୍ଗ ପତ୍ର ଯେ ଖାଲି ଆମ ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ତାହା ନୁହେଁ, ଏହା ଆମ ଶରୀର ପାଇଁ ମଧ୍ୟ ଖୁବ୍ ଉପକାରୀ ହୋଇଥାଏ । ଭୁର୍ସୁଙ୍ଗ ପତ୍ରରେ ଅଛି ପ୍ରଚୁର ପରିମାଣରେ ଆଇରନ ଓ ଫଲିକ୍ ଏସିଡ୍ । ଏହାକୁ ଖାଇଲେ ଶରୀରେ ଆଇରନର ମାତ୍ରା ସନ୍ତୁଳିତ ରହିବା ସହିତ ଆନିମିଆ ଭଳି ରୋଗ ଦୂର କରିଥାଏ ।

ଲିଭର ସୁରକ୍ଷିତ ରହିଥାଏ

ଏସିଆନ୍ ଜର୍ଣ୍ଣଲ ଅଫ୍ ଫାର୍ମାସିଟିକାଲ ଆଣ୍ଡ କେମିକାଲ ରିସର୍ଚ୍ଚ ଅନୁସାରେ ଜଣାପଡ଼ିସଛି କି, ଯଦି କୌଣସି ବ୍ୟକ୍ତି ମଦ ପିଉଥାଏ ତେବେ ତାର ଲିଭର ଖରାପ ହେବାର ସମ୍ଭାବନା ଅଧିକ ଥାଏ । ତେବେ ଏପରିସ୍ଥଳେ ଯଦି ନିୟମିତ ଭାବେ ଖାଦ୍ୟାରେ ଭୁର୍ସୁଙ୍ଗ ପତ୍ର ଖାଇବେ ତେବେ ତାଙ୍କର ଲିଭର ଖରାପ ହେବାର ସମ୍ଭାବନା କମ୍ ହୋଇଥାଏ ।

ବ୍ଲଡ ସୁଗାର କଣ୍ଟ୍ରୋଲ କରେ

ଜର୍ଣ୍ଣଲ ଅଫ୍ ପ୍ଲାଂଟ ଫୁଡ ଫର ନ୍ୟୁଟ୍ରିସନର ଅଧ୍ୟୟନ ଅନୁସାରେ ଭୁର୍ସୁଙ୍ଗ ପତ୍ରରେ ପ୍ରଚୁର ମାତ୍ରାରେ ଫାଇଭର ଥାଏ, ଯାହା ବ୍ଲଡରେ ଇନସୁଲିନ୍‌କୁ ପ୍ରଭାବିତ କରି ବ୍ଲଡ ସୁଗାର ମାତ୍ରାକୁ କମ୍ କରିଥାଏ । ଭୁର୍ସୁଙ୍ଗ ପତ୍ର ଶରୀରେ ହଜମ ଶକ୍ତିକୁ ବଢ଼ାଇ ଓଜନ କମ୍ କରିବାରେ ମଧ୍ୟ ସାହାର୍ଯ୍ୟ କରିଥାଏ । ସେଥିପାଇଁ ଡାଇବେଟିସ ଓ ମେଦବହୁଳ ରୋଗୀ ନିୟମିତ ଭାବେ ଭୁର୍ସୁଙ୍ଗ ପତ୍ର ଖାଇବା ଲାଭକାରୀ ହୋଇଥାଏ ।

କୋଲେଷ୍ଟ୍ରୋଲ ମାତ୍ରା କମ୍ କରିଥାଏ

ବାଡ଼ି ବଗିଚାରେ ମିଳୁଥିବା ଏହି ସାଧାରଣ ପତ୍ରରେ ରହିଛି ଅସାଧାରଣ ଔଷଧୀୟ ଗୁଣ । ବ୍ଲଡରୁ କୋଲେଷ୍ଟ୍ରୋଲର ମାତ୍ରା କମ୍ କରିବାରେ ଏହି ପତ୍ରର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ଏହା ଶରୀରରୁ କୋଲେଷ୍ଟ୍ରୋଲ୍ ମାତ୍ରା କମ୍ କରିବା ସହ ହୃଦୟ ଜନିତ ସମସ୍ତ ରୋଗ ଦୂର କରିଥାଏ ।

ନଡ଼ିଆପାଣିର ଉପାଦେୟତା

ହିତକାରୀ ନଡ଼ିଆ ପାଣି କୌଣସି ମହୋଷଧି ଠାରୁ କମ୍ ନୁହେଁ । ଦୈନିକ ଏହା ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

ତ୍ୱଚା ସଫା କରିବାପାଇଁ ନଡ଼ିଆ ପାଣି ବ୍ୟବହାର କଲେ ମୁହଁ ପରିଷ୍କାର ରହିବା ସହ ଏକ ଚମକ ଆସିଥାଏ ।

ନିୟମିତ ଏହି ପାଣି ପିଇଲେ ଆଣ୍ଠୁଗଣ୍ଠି ବ୍ୟଥା ଦୂର ହୁଏ ।

ଶରୀରରୁ କୋଲେଷ୍ଟରଲ ମାତ୍ରା କମାଇବା ସହ ଓଜନ ନିୟନ୍ତ୍ରଣ କରେ ।

ଯୁବତୀମାନେ ଏହି ପାଣି ଦିନକୁ ୨ ଥର ପିଇଲେ କେଶର ଘନତ୍ୱ ବଢ଼େ । ଏଥିରେ ଥିବା ବିଭିନ୍ନ ପ୍ରକାରର ଭିଟାମିନ୍ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।

ଭାସମାନ ହୋଟେଲ: ୨୦୨୧ରେ ଖୋଲିବ, ହେଲେ ଆରମ୍ଭ ହେଲାଣି ବୁକିଂ

ସ୍ୱିଡେନର ଲେପଲ୍ୟାଣ୍ଡ କ୍ଷେତ୍ରରେ ବନୁଥିବା ହୋଟେଲ ଆଣ୍ଡ ସ୍ପା 'ଦ ଆର୍କଟିକ୍ ବାଥ୍'ର ନିର୍ମାଣ ଚାଲିଛି । ନୀଳନଦୀ ଉପରେ ବନୁଥିବା ଏହି ଭାସମାନ ହୋଲେଟର କ୍ରେଜ୍ ଏତେ ବଢ଼ିଲାଣି ଯେ, ୨୦୨୧ରେ ଏହା ଖୋଲିବାକୁ ଯାଉଥିଲାବେଳେ ବର୍ତ୍ତମାନଠାରୁ ଆରମ୍ଭ ହୋଇଗଲାଣି ବୁକିଂ । ଏଠାରେ ଗୋଟିଏ ଦିନର ଭଡ଼ା ହେଉଛି ୭୫ ହଜାର ଟଙ୍କା ।

ଏହି ହୋଟେଲର ବିଶେଷତ୍ୱ ହେଉଛି ଗରମ ଦିନରେ ଏହି ହୋଟେଲ ନଦୀରେ ଭାସିବ । ଆଉ ଶୀତ ଦିନେ ବର'ରେ ଜମାଟ ବାନ୍ଧି ରହିବ । ଏଠାରେ ଗ୍ରାହକଙ୍କୁ ସବୁ ପ୍ରକାର ଉପଲବ୍ଧ ଥିଲାବେଳେ ସେମାନେ ସ୍ପାର ମଧ୍ୟ ମଜା ନେଇପାରିବେ । ମନର ଶାନ୍ତି ପାଇଁ ଏଠାରେ ବିଶେଷ ଥେରାପିର ସୁଯୋଗ ମଧ୍ୟ ରହିଛି । ୨୦୨୦ କିମ୍ବା ୨୦୨୧ରେ ଏହି ହୋଟେଲ କାର୍ଯ୍ୟକ୍ଷମ ହେବାକୁ ଥିଲାବେଳେ ବର୍ତ୍ତମାନ ବିଦେଶଣୁ ମଧ୍ୟ ବୁକିଂର ଅର୍ଡର ହୋଟେଲକୁ ମିଳିଲାଣି ।



ସ୍ନାନ କରିବାର ନିୟମ

ଗବେଷକଗଣ ନିକଟରେ ସଂଖ୍ୟାଧିକ ଲୋକଙ୍କ ଉପରେ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ ନିୟମିତ ଥଣ୍ଡା ପାଣିରେ ସ୍ନା କରୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଉତ୍ତମ ରହିଥାଏ । ଏଥିରେ ବିଭିନ୍ନ ବର୍ଗର ତଥା ବୟସର ଲୋକେ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କରୁଥିବା ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି । ଅନ୍ୟ ବ୍ୟକ୍ତିଙ୍କ ତୁଳନାରେ ଏହି ଲୋକେ କମ୍ ରୋଗାକ୍ରାନ୍ତ ହେଉଥିବାର ପ୍ରକାଶ । ଏକି ଗିଲାସ 'ଳ ରସ କିମ୍ବା ପରିବା ରସ ପିଇଲେ ଯେଉଁ ପରିମାଣରେ ଶକ୍ତି ମିଳେ, ଥଣ୍ଡା ପାଣିରେ ସ୍ନାନ କଲେ ସେହି ପରିମାଣରେ ଶକ୍ତି ମିଳିଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ପ୍ରାଚୀନ କାଳରେ ଥଣ୍ଡା ତଥା ଶୀତଳ ଜଳରେ ସ୍ନା କରିବା ଏକ ପରମ୍ପରା ଥିଲା । ସେ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସହ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ଥିବାର ଅନେକ ତଥ୍ୟ ମିଳିଛି । ସେଥିପପାଇଁ ଗବେଷକମାନେ ଉଷୁମ ପାଣିରେ ସ୍ନାନ ନକରି ଥଣ୍ଡା ପାଣିରେ ସ୍ନାନ କରିବାକୁ ପରାମର୍ଶ ଦେଇଛନ୍ତି ।

ମୋଟାପଣର କାରଣ

ପରିବର୍ତ୍ତିତ ପ୍ରଭାବ

କାନାଡ଼ାର ଗବେଷକ ଦଳ ଏକ ଜରୁରୀ ତଥ୍ୟ ୱେବସାଇଟ ଜରିଆରେ ଉପସ୍ଥାପନା କରିଛନ୍ତି । ସେମାନଙ୍କ ମତରେ ପରିବେଶ ପରିବର୍ତ୍ତନର ପ୍ରମୁଖ ପ୍ରଭାବ କୃଷି ଉପରେ ପଡୁଛି । ଖାଦ୍ୟ ଉତ୍ପାଦନ ପାଇଁ ଯେତେ ଯତ୍ନବାନ ହେଲେ ମଧ୍ୟ ପରିବର୍ତ୍ତିତ ପରିବେଶର କୁପ୍ରଭାବ ଖାଦ୍ୟ ଉପରେ ପଡୁଛି । ୨୦୨୨-୨୦୫୦ ମଧ୍ୟରେ ଏହି ପରିବର୍ତ୍ତନ ପରିଲକ୍ଷିତ ହେବ । ଇଉରୋପୀୟ ରାଷ୍ଟ୍ରର ଅତି ଉନ୍ନତ ପ୍ରକ୍ରିୟାରେ ଚାଷ ହେବା ସତ୍ତ୍ୱେ ଫଳାଫଳ ଉତ୍ତମ ମିଳୁନାହିଁ । ଅମଳ ପରେ ଜଣାପଡୁଛି, ଖାଦ୍ୟର ମାନ ଉନ୍ନତ ହେଉନାହିଁ । କିଛି ବର୍ଷ ପୂର୍ବେ ସବୁଜ ପନିପରିବା ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ପାଖ ପଶୁନଥିଲା । ଏବେ ପରିବା ଖାଇବାର ପରିମାଣ ବଢ଼ିବା ସତ୍ତ୍ୱେ ଲୋକଙ୍କୁ ସେଭଳି ଲାଭ ମିଳୁନାହିଁ । ଏହାର ମୁଖ୍ୟ କାରଣ ପରିବର୍ତ୍ତିତ ପରିବେଶ ବୋଲି ଏହି ବିଶେଷଜ୍ଞ ଦଳ କହିଛନ୍ତି ।

କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ । ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା । ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ ।

ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା । ହ୍ୟାଣ୍ଡ ୱାଶରେ ଟ୍ରିକଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷରୁ ପ୍ରକାଶ । ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି ।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ବା ରେସ୍ତୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ ।

ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା ସହ ଓଜନ ବଢ଼େ ।

ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ । ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ ।

ମଧୁମେହ ରୋଗୀଙ୍କ ନିମନ୍ତେ ଖାଦ୍ୟ

ମଧୁମେହ ରୋଗରୁ ରକ୍ଷା ପାଇବା ନିମନ୍ତେ ନିଜ ଖାଦ୍ୟ ତାଲିକାରେ ପରିବର୍ତ୍ତନ କଲେ ସୁଫଳ ମିଳେ ବୋଲି ନିକଟରେ ଅଷ୍ଟ୍ରେଲିଆର ଏକ ଗବେଷକଦଳ ତଥ୍ୟ ଉପସ୍ଥାପନ କରିଛନ୍ତି । ବିଭିନ୍ନ ବର୍ଗର ଓ ବୟସର ଲୋକଙ୍କ ଉପରେ ସେମାନେ ଏହି ପରୀକ୍ଷା କରି ସଫଳ ହୋଇଛନ୍ତି ।

- ଅଲିଭ ତେଲ ରାନ୍ଧିବାପାଇଁ ବ୍ୟବହାର କଲେ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ହେବା ସହ ମଧୁମେହର ଆକ୍ରାନ୍ତ ହେବାରୁ ରକ୍ଷା କରିଥାଏ । ହୃଦରୋଗୀଙ୍କ ପାଇଁ ମଧ୍ୟ ଏହି ତେଲ ଉତ୍ତମ ।
- ଶୁଦ୍ଧ ହଳଦୀ ଗୁଣ୍ଡକୁ ତରକାରୀ ଓ ଅନ୍ୟାନ୍ୟ ଭଜାଭଜିରେ ବ୍ୟବହାର କରିବା ଆବଶ୍ୟକ । ହଳଦି ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ ।
- ଗବେଷକଙ୍କ ମତରେ ଦୈନିକ ୧ ଗ୍ରାମ୍ ଡାଲଚିନି ଖାଇଲେ ରକ୍ତରେ ଟ୍ରାଇଗ୍ଲିସରାଏଡ, ଏଲଡିଏଲ କୋଲେଷ୍ଟରଲ ହ୍ରାସ ପାଇବା ଦ୍ୱାରା ମଧୁମେହର ଆଶଙ୍କା ମଧ୍ୟ କମିଥାଏ ।
- ଓଟମିଲ ନିୟମିତ ଖାଇବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଭଲ । ଏହା ରକ୍ତର ଶର୍କରାକୁ ନିୟନ୍ତ୍ରଣ କରିଥାଏ ।
- ବ୍ରୋକୋଲିକୁ ସିଝାଇ ନଚେତ୍ ସୁପରେ ଅଥବା ଭାଜି କରି ଖାଇଲେ ଏଥିରେ ସଲଫରୋନ୍ ନାମକ ଉପାଦାନ ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରେ ।
- ଭୋଜନ କରିବା ପୂର୍ବରୁ ଇସବଗୁଲ ପାଣି ପିଇଲେ ମଧ୍ୟ ମଧୁମେହ ବିରୋଧୀ ଭାବେ କାର୍ଯ୍ୟ କରେ ।
- ମାଛରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଶରୀରର ଓଜନକୁ କମ୍ କରିବା ସହ ମଧୁମେହ ବିରୋଧରେ ମଧ୍ୟ କାମ କରେ ।
- ଡାର୍କ ଚକୋଲେଟ୍, ପାଳଙ୍ଗ ଶାଗକୁ ନିୟମିତ ଖାଇବା ଦ୍ୱାରା ମଧ୍ୟ ଲାଭ ମିଳେ ।

କଖାରୁର ଉପାଦେୟତା

- କଖାରୁ ଖାଇଲେ ପେଟ ରୋଗ ହୋଇନଥାଏ ।
- ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରିବା ସହ ଅଗ୍ନାଶୟକୁ ସକ୍ରିୟ କରିଥାଏ ।
- ହୃଦରୋଗୀମାନେ ଏହି ପରିବାର ସନ୍ତୁଳା ଖାଇବା ଭଲ ।
- କଖାରୁ ମଂଜିରେ ଭିଟାମିନ୍ ଓ, ସି, ଲୌହ, କ୍ୟାଲସିୟମ, ପୋଟାସିୟମ
- ଏହା ଶକ୍ତି ବଢ଼ାଇବା ସହ ରକ୍ତ ସଫା କରିଥାଏ ।
- ଅମ୍ଳ ରୋଗୀମାନେ ଏହି ପରିବା ଖାଇବା ଲାଭପ୍ରଦ ।
- ବିଟା କ୍ୟାରୋଟିନ୍ ଏହି ପରିବାରେ ଥିବାରୁ କର୍କଟ ନିରୋଧକ ଭାବେ କାର୍ଯ୍ୟ କରିଥାଏ ।

ଦାମୀ ଗଂଜା ଲଢ଼େଇ

ଆନ୍ଧ୍ରପ୍ରଦେଶରେ ଗଂଜା ଲଢ଼େଇ ବେଶ୍ ଲୋକପ୍ରିୟ ଖେଳ ଭାବରେ ଜଣାଶୁଣା । ସ୍ଥାନୀୟ ପ୍ରଶାସନ କଟକଣା ଜାରି କରିବା ପରେ ଲୋକେ କେତୋଟି ଗୁପ୍ତ ସ୍ଥାନରେ ଏହି ଲଢ଼େଇ ଚାଲୁ ରଖିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ମିଳଥିବା ଖବର ଅନୁସାରେ ୨୦୧୩ ଆନ୍ଧ୍ରପ୍ରଦେଶରେ ଗଂଜା ଲଢ଼େଇ ଉପରେ ୨୦୦କୋଟି ଟଙ୍କାର ବାଜି ଲାଗିଥିଲା । କିଛିବର୍ଷ ତଳେ ମକର ସଂକ୍ରାନ୍ତି ଅବସରରେ ଗୁଣ୍ଟୁର, କୃଷ୍ଣା, ପୂର୍ବ ଓ ପଶ୍ଚିମ ଗୋଦାବରୀ ଆଦି ଜିଲ୍ଲାଗୁଡ଼ିକରେ ଗଂଜା ଲଢ଼େଇ ଖେଳ ନିୟମିତ ହେଉଥିଲା । ଏହି ନିରୀହ ପ୍ରାଣୀଙ୍କ ଲଢ଼େଇକୁ ଉପସ୍ଥିତ ଜନସାଧାରଣ ବେଶ୍ ଉପଭୋଗ କରିଥାନ୍ତି । ଏଥିପାଇଁ ଗଂଜା ବ୍ୟବସାୟ କରୁଥିବା ଲୋକେ ଲଢ଼େଇର ଯଥେଷ୍ଟ ପୂର୍ବରୁ ଭିଟାମିନ୍ ଓ ହର୍ମୋନ୍ ଇଂଜେକସନ୍ ଗଂଜାକୁ ଦେଇଥାନ୍ତି । ଅନେକ ଗଂଜାଙ୍କ ଦୟନୀୟ ମୃତ୍ୟୁ ଏହି ପ୍ରତିଯୋଗିତାରେ ଦେଖିବାକୁ ମିଳେ । ସେଠା ପ୍ରଶାସନ ଏହି ଖେଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କଡ଼ା ପଦକ୍ଷେପ ନେଉଥିବାର ପ୍ରକାଶ ।

ସାମାଜିକ ସଂକ୍ରମଣରୁ ବଂଚିବାକୁ ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ସଟଡାଉନ୍

ଗାଡିମଟର ଚଳାଚଳ ସବୁ ବନ୍ଦ, ରାସ୍ତାଘାଟ ଶୁନଶାନ୍

କନ୍ଧମାଳ, ୦୫/୭ (ନି.ପ୍ର): କନ୍ଧମାଳ ଜିଲାରେ କରୋନା ପଜିଟିଭ ରୋଗୀଙ୍କ ସଂଖ୍ୟା ଗତକାଲି ସୁଦ୍ଧା କେହି ନଥିଲେ ମଧ୍ୟ ଆଜି ପୁଣି ୮ଟି କରୋନା ପଜିଟିଭ ରୋଗୀ ଚିହ୍ନଟ ହୋଇଛନ୍ତି । ଆଜିର ୮ ପଜିଟିଭଙ୍କୁ ମିଶାଇ ଜିଲ୍ଲାରେ ମୋଟ ୧୮୬କୁ ଫଂହଚିଛି କରୋନା ରୋଗୀଙ୍କ ସଂଖ୍ୟା । ତେବେ, ସେଥିମଧ୍ୟରୁ ୧୭୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବାକି ୮ ଜଣ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ତେବେ ଏଯାଏଁ ଜିଲାରେ ସାମାଜିକ ସଂକ୍ରମଣ ହୋଇନାହିଁ । ସେହିପରି ରାଜ୍ୟରେ ମଧ୍ୟ କରୋନା ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି, କମିବାର ନାଁ ଧରୁନି । କାଳେ ଆଗକୁ ରୋଗୀସଂଖ୍ୟା ପୁଣି ବଢିବ ଓ ଏହା ଧିରେଧିରେ ସାମାଜିକ ସଂକ୍ରମଣର ଉଗ୍ରରୁପ ନେବ, ସେଥିପାଇଁ ଜିଲ୍ଲା ପ୍ରଶାସନ ଆଗୁଆ ପଦକ୍ଷେପ ନେଇ ଜୁଲାଇ ମାସର ପ୍ରତି ଶନିବାର ଓ ରବିବାର ସଟଡାଉନ୍ ଘୋଷଣା କରିଛି । ଏହାଦ୍ୱାରା ଲୋକେ ଘରେ ସଂପୂର୍ଣ୍ଣ ଭାବେ ରହିବେ ଆଉ ବାହାର ଜିଲ୍ଲାର ଲୋକ ମଧ୍ୟ ଜିଲ୍ଲାକୁ ଆସିବା ସଂଖ୍ୟା କମିଯିବ । ପଡୋଶୀ ଗଞ୍ଜାମ ଜିଲ୍ଲାରେ କରୋନାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେଲାଣି । ପୁଣି କନ୍ଧମାଳକୁ ଯେ ନ ବ୍ୟାପିବ ଏକଥା କିଏ କହିବ । ଏଣୁ, ଗତ ୨/୩ ଦିନ ହେଲା ଗଞ୍ଜାମ-କନ୍ଧମାଳ ସୀମାକୁ କଳିଙ୍ଗା ଠାରେ ସଂପୂର୍ଣ୍ଣ ସିଲ୍ କରାଯାଇଛି । ୨୪ ଘଣ୍ଟିଆ ପୋଲିସର କଡା ପ୍ରହରା ଲାଗିଛି ସେଠାରେ । ଏପଟେ ପ୍ରଶାସନର ସପ୍ତାହରେ ୨ ଦିନ ସଟଡାଉନ୍ ସହ ଅନ୍ୟ ଦିନରେ ଦିନ ଗୋଟାଏରୁ ସକାଳ ୭ ଯାଏଁ ସଟଡାଉନ୍ ଜାରୀ ରହିଛି ଦୀର୍ଘଦିନ ହେଲା । ଆଜି ମାସର ସଟଡାଉନ୍ ର ପ୍ରଥମ ଦିନ । ସକାଳୁ ସକାଳୁ ପୋଲିସ ଫୁଲବାଣୀ ସହରର ଗୋପବନ୍ଧୁ ଛକ, ମେଡିକାଲ ଛକ, କୋର୍ଟଛକ, ବିଜୁ ପଟ୍ଟନାୟକ ଛକ, ଏଫସିଆଇ ଛକ, ମାଦିକୁନ୍ଦା ଛକ, ଗାନ୍ଧିଛକ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସକାଳ ୫ଟାରୁ ପ୍ରହରା ଆରମ୍ଭ କରିଛି । ଏପଟେ ପୋଲିସ ପେଟ୍ରୋଲିଂ ଗାଡି ମଧ୍ୟ ସହର ସାରା ପଇଁତରା ମାରୁଛି । କନ୍ଧମାଳ ଏସପି ପ୍ରତୀକ ସିଂ ମଧ୍ୟ ଫୁଲବାଣୀ ସହରର ବିଭିନ୍ନ ଛକ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସଟଡାଉନ୍ ପାଇଁ ସବୁ ବନ୍ଦ ରହିଛି । କାଁ ଭାଁ ମେଡିକାଲ ଷ୍ଟୋର ଖୋଲିଥିଲା ସକାଳ ୭ଟା ପରେ । ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ଫୁଲବାଣୀ ସହରର ମେନ୍ ରୋଡ୍ ସମେତ ବିଭିନ୍ନ ଅଂଚଳରେ ସାନିଟାଇଜ୍ କରାଯାଇଛି । ବାଇକ, ଗାଡିମଟର ଚଳାଚଳ ଉପରେ ସଂପୂର୍ଣ୍ଣ ରୋକ୍ ଲଗାଇଛି ପୋଲିସ । ଅମାନିଆ ବାଇକ ଚାଳକଙ୍କୁ ଅଟକାଇ ଫାଇନ୍ ବି କାଟୁଛି ପ୍ରଶାସନ । ଆଉ ତାଗିଦ୍ ବି କରୁଛି । ତଥାପି ଅମାନିଆ ମାନୁନାହାଁନ୍ତି । କେବଳ ଫୁଲବାଣୀ ନୁହେଁ, ଜିଲ୍ଲାର ବାଲିଗୁଡା, ଜି.ଉଦୟଗିରି, ଟିକାବାଲି, ତୁମୁଡିବନ୍ଧ, କୋଟଗଡ ଆଦି ସମେତ ସବୁ ବନ୍ଦ ରହିଛି । କିଛି ଅମାନିଆ ସଟଡାଉନ୍, ଲକଡାଉନ୍, କୋଭିଡ-୧୯ କଟକଣାକୁ ଭୁଲି ନିର୍ଭୁମ୍ ବୁଲୁଛନ୍ତି, ଖଟି କରୁଛନ୍ତି । ସାମାଜିକ ଦୂରତା ଭୁଲି ଲୋକଙ୍କ ସହ ମିଶୁଛନ୍ତି ମଧ୍ୟ । ସତେ ଯେମିତି ପଣ କରିଛନ୍ତି ନିଜେ ମରିବେ ଆଉ ଅନ୍ୟକୁ ବି ମାରିବେ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଡା.ବୃନ୍ଦା ଡି. କୋଠର ପଦକ୍ଷେନ ନେଇଛନ୍ତି, ଯାହାକୁ କି ସମସ୍ତ ଜନସାଧାରଣ ସ୍ୱାଗତ କରିଛନ୍ତି । କୋଭିଡ ଆଇନକୁ ସଂପୂର୍ଣ୍ଣ କଡାକଡି ପାଳନ କରିବାଲାଗି ନିର୍ଦ୍ଦେଶ ଦେଇଛନ୍ତି । ମାସ୍କ ନପିନ୍ଧି ବୁଲିଲେ ଫାଇନ୍ କାଟିବା ସହ ବାଇକରେ ବିନା ହେଲମେଟ୍ ଓ ବିନା କାରଣରେ ବୁଲିଲେ, ଦୋକାନ ବଜାରରେ ସାମାଜିକ ଦୂରତା ନରଖିଲେ କଡା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଏ ସମୟ ବାହାଘର ଭୋଜିଭାତର ସମୟ ନୁହେଁ, ଖଟି ପାଇଁ ନୁହେଁ, ଜରୁରୀ କାମ ନଥିଲେ ଘରୁ ନବାହାରିବା ଲାଗି ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ । ଘରୁ ଅଜଥାରେ ବାହାରି ନିଜ ପାଇଁ ଘର ଲୋକଙ୍କୁ ପାଇଁ କିମ୍ବା ସମାଜ ପାଇଁ ବିପଦ ଡାକନି ବୋଲି ତାଗିଦ୍ କରିଛନ୍ତି ଜିଲ୍ଲାପାଳ । ଜିଲ୍ଲାକୁ କରୋନା ମୁକ୍ତ ରଖିବା ପାଇଁ ଜିଲ୍ଲାବାସୀଙ୍କ ସହଯୋଗ ଲୋଡିଛନ୍ତି ଜିଲ୍ଲାପାଳ ଡା.ବୃନ୍ଦା ଡି.। ଶୁକ୍ରବାର ସୁଦ୍ଧା କନ୍ଧମାଳ ଜିଲ୍ଲା କରୋନା ମୁକ୍ତ ଥିଲା । ଶନିବାର ପୁଣି ୮ଟି କରୋନା ପଜିଟିଭ୍ ରୋଗୀ ଚିହ୍ନଟ ହେବା ପରେ ଜିଲ୍ଲା ପ୍ରଶାସନ ପୁଣି ଚିନ୍ତାରେ ପଡିଛି ।

ଆଇନଜିବୀଙ୍କ ବିଭିନ୍ନ ସ୍ଥାନରେ କରୋନା ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୦୫/୭ (ନି.ପ୍ର): କେନ୍ଦ୍ରାପଡାର ଯୁବ ସମାଜସେବୀ ତଥା ରାଜ୍ୟ ଛାତ୍ର ବିଜେଡି ସାଧାରଣ ସଂପାଦକ ଯୁବ ଆଇନଜିବୀ ପ୍ରତାପ ଚନ୍ଦ୍ର ଦାସ (ହାଲୁ)ଙ୍କ ନେତୃତ୍ୱରେ କରୋନା ମହାମାରୀ ସଂକ୍ରମଣ ସଚେତନାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ପୋଲିସ ସହାୟତାରେ କେନ୍ଦ୍ରାପଡା ବ୍ଲକର କଂସାର, ଓସ୍ତପୁର ଏବଂ ପୌରାଂଚଳର ୪ନଂ ୱାର୍ଡ ଏବଂ ମହାକାଳପଡା ବ୍ଲକର ଗଗୁଆ, ବାବର, ରାହାମା, ବଡ ରାହାମା, କଳତୁଙ୍ଗା, ଲାଞ୍ଜୁରା ସହିତ ମାର୍ଶାଘାଇ ବ୍ଲକର ପେଣ୍ଡ, ବଛରାଇ ପ୍ରଭୃତି ଅଂଚଳରେ ମହାମାରୀ କରୋନା ସଂକ୍ରମଣକୁ ନିୟନ୍ତ୍ରଣରେ କରିବା ପାଇଁ ଲୋକ ମାନଙ୍କୁ ବୁଝାଇବା ସହିତ ସେମାନଙ୍କୁ ମାସ୍କ, ସାନିଟାଇଜର ଶୁଖିଲା ଖାଦ୍ୟ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ପ୍ରଭୃତି ସଂପର୍କରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଂସାର ସରପଂଚ ପ୍ରଦ୍ୟୁମ୍ନ ଜେନା, ସନ୍ତୋଷ ବେହେରା, ହୃଷି ମଲ୍ଲିକ, ସବିତା ସେଠୀ, ସୁର ସେଠୀ, ଶ୍ରୀମତୀ ପ୍ରଧାନ, ସାରଥୀ ସ୍ୱାଇଁ, ଶ୍ରୀମତୀ ଜେନା, ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

କାଦୁଅ ପଚପଚ ଚାପୁଣ୍ଡିଆ ସାହି ରାସ୍ତା

ଭଦ୍ରକ, ୫/୭ (ହି.ସ.) - ଏହି ଜିଲାର ବନ୍ତ ବ୍ଲକ୍ ବଡବର୍ଚ୍ଚିକଯାଁ ପଂଚାୟତ ସ୍ଥିତ ବିଶଲକଣା ଗାଁ ଅନ୍ତର୍ଗତ ଚାପୁଣ୍ଡିଆ ସାହି ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କ ନଜର ଆଢୁଆଳରେ ରହିଯାଇଛି । ଏହି ସାହିକୁ ଆଜିଯାଏ ଭଲ ରାସ୍ତାଟିଏ ନିର୍ମାଣ ହୋଇନପାରିବା ବଡ ଦୁଃଖ ଓ ଅନୁତାପର ବିଷୟ ଅଟେ । ଭଲ ରାସ୍ତାଟିଏ ନଥିବାରୁ ଲୋକମାନେ ନାନାଦି ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି । ଏଠାରେ ପାଖାପାଖି ଶହେ ଲୋକ ବସବାସ କରନ୍ତି । ସେଥିରୁ ୬୮ ଜଣ ଭୋଟର ଅଟନ୍ତି । ଛୋଟ ଛୋଟ କୋମଳମତି ପିଲାମାନେ ଅଧ୍ୟୟନ କରିବାକୁ ସ୍କୁଲ, କଲେଜ କିମ୍ବା ଅଙ୍ଗନୱାଡି କେନ୍ଦ୍ରକୁ ଆସିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗରପଡା-ଭଦ୍ରକ ମୁଖ୍ୟ ରାସ୍ତାକୁ ଏହି ରାସ୍ତାଟି ସଂଯୋଗ କରୁଛି । ଖାଲଖମାରେ ଭର୍ତି ଏହି ରାସ୍ତାଟି ଅତି ସଂକୀର୍ଣ୍ଣ ଥିବାରୁ ସାଇକେଲ୍‌ଟି ମଧ୍ୟ ସୁବିଧା ଭାବେ ଯାଆଆସ କରିପାରିନଥାଏ । ବର୍ତମାନ ବର୍ଷାଦିନ ହୋଇଥିବାରୁ ଏହି ରାସ୍ତା ଦେଇ ଯିବା ଆଦୌ ସମ୍ଭବପର ହୋଇପାରୁନାହିଁ । ରାସ୍ତା ସାରା କାଦୁଅ ପଚପଚ । ଏପରି ଅବସ୍ଥାରେ ଖାଲିପାଦରେ ଯିବା ମଧ୍ୟ ସମ୍ଭବପର ନୁହେଁ । ରାତିରେ ଏହି ରାସ୍ତାରେ ଯିବା ଅର୍ଥ ମରଣକୁ ଡାକିବା । ଏହିପରି ଅବସ୍ଥାରେ ଗାଁ ଲୋକମାନେ ଯାଆଆସ କରୁଛନ୍ତି । ସବୁ ସାହିକୁ କଂକ୍ରିଟ୍ ରାସ୍ତା ହେଉଛି ବୋଲି ସରକାର ଡିଣ୍ଡିମ ପିଟୁଥିବାବେଳେ ବିଶଲକଣା ଗାଁ ଅନ୍ତର୍ଗତ ଚାପୁଣ୍ଡିଆ ସାହି ରାସ୍ତାରେ ମୋରମ ମୁଠାଏ ପଡିପାରୁନାହିଁ । ଗତ ୧୯୯୫-୯୬ ଆର୍ଥିକ ବର୍ଷରେ ଏହି ରାସ୍ତାରେ ବିଧାୟକଙ୍କ ପାଣ୍ଠିରୁ ମୋରମ ବିଛାଯାଇଥିଲା । ସେହିଦିନ ଠାରୁ ଆଜିପର୍ଯ୍ୟନ୍ତ ଏହି ରାସ୍ତା ଉପରେ କାହାର ନଜର ପଡିନଥିବାର ସାହିବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

ଘର ଝାଡୁକଲା ବେଳେ ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, ୦୫/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସଦରଥାନା ଅନ୍ତର୍ଗତ ବାରିମୂଳ ପଂଚାୟତ ରାୟପୁର ଗ୍ରାମରେ ଜଣେ ମହିଳାଙ୍କୁ ସାପ କାମୁଡିବାରୁ ମୃତ୍ୟୁ ଘଟିଥିବାର ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଶନିବାର ଅପରାହ୍ନ ୩ଟା ସମୟରେ ସେହି ଗ୍ରାମର ରଶ୍ମିରଞ୍ଜନ ପଣ୍ଡାଙ୍କ ସ୍ତ୍ରୀ ଶୁଭଶ୍ରୀ ପଣ୍ଡା(୩୫) ନିଜ ଘର ଝାଡୁ କରୁଥିବା ସମୟରେ ଏକ ବିଷଧର ସାପ କାମୁଡିଥିଲା । ତାଙ୍କୁ ତୁରନ୍ତ କେନ୍ଦ୍ରାପଡା ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଯାଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବାର ଜଣା ପଡିଛି ।

ମୟୂରଭଞ୍ଜ : କରୋନା ପଜିଟିଭ ସଂଖ୍ୟା ଲଗାମଛଡ଼ା ହେବା ଆରମ୍ଭ କରିଛି

୭ ଦିନରେ ଚିହ୍ନଟ ହେଲେ ୭୨, ସୁସ୍ଥ ସଂଖ୍ୟା ୩୯, ଲୋକାଲ କଂଟାକ୍ଟରୁ ୨୩ : ୮ କୋଭିଡ଼ ଯୁଦ୍ଧା ସାମିଲ, ପିଆରଏମ ମେଡ଼ିକାଲର ଦନ୍ତ ବିଭାଗ ବନ୍ଦ

ବାରିପଦା, ୦୫/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କରୋନା ସଂକ୍ରମିତମାନଙ୍କ ସଂଖ୍ୟା ଲଗାମଛଡ଼ା ହେବା ଆରମ୍ଭ କରିଛି । ଗତ ଜୁନ ୨୮ରୁ ଜୁଲାଇ ୪ ସାତ ଦିନ ମଧ୍ୟରେ ଜିଲ୍ଲାରେ ଚିହ୍ନଟ ୭୨ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଲୋକାଲ କଣ୍ଟାକ୍ଟରୁ ୨୩ ଜଣ ସଂକ୍ରମିତ ହୋଇଥିବା ବେଳେ ୮ ଜଣ କୋଭିଡ଼ ଯୁଦ୍ଧା ରହିଛନ୍ତି । ଏହାବ୍ୟତୀତ ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ବାରିପଦା ପିଆରଏମ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲରେ ଆଜି ଦନ୍ତ ବିଭାଗରେ ଡ଼ାକ୍ତରମାନଙ୍କ ସହିତ ସମସ୍ତ କର୍ମଚାରୀ କ୍ୱାରେଣ୍ଟାଇନରେ ଥିବାରୁ ବିଭାଗ ଆଜି ବନ୍ଦ ଥିବାର ପରିଲକ୍ଷିତ ହୋଇଥିଲା । ଏଥି ସହିତ ହସପିଟାଲରେ ୨ ଡ଼ାକ୍ତର ଓ ୩ ସ୍ୱାସ୍ଥ୍ୟ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବାର ଜଣାପଡ଼ିଛି । ତେବେ ଆଜି ସର୍ବାଧିକ ୨୮ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସମୟରେ ସଂକ୍ରମିତମାନଙ୍କ ସଂଖ୍ୟା ୨୫୩ରେ ପହଂଚିଛି । ଜିଲ୍ଲାର ବାରିପଦା ପୌରପରିଷଦ-୧, ବଡ଼ସାହି-୧, କପ୍ତିପଦା-୧, ଗୋପବନ୍ଧୁନଗର-୧, ବାରିପଦା-୧, ଶାମାଖୁଂଟା-୧, ବେତନଟୀ-୨, ଯଶୀପୁର-୨, ବିଜାତୋଳା-୩, ଖୁଂଟା-୩, କୁସୁମୀ-୩, ଶୁକୁଳି-୪ ଏବଂ କରଞ୍ଜିଆ ବ୍ଲକରୁ ସର୍ବାଧିକ ୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ବିଭିନ୍ନ କ୍ୱାରେଣ୍ଟାଇନ ସେଣ୍ଟରରେ ରହୁଥିବା ଅନ୍ତେବାସୀମାନଙ୍କ ଭିତରୁ କର୍ଣ୍ଣାଟକ ରାଜ୍ୟ ଫେରନ୍ତା-୫, ଗୁଜରାଟ-୧, ତେଲେଙ୍ଗାନା-୧, ମହାରାଷ୍ଟ୍ର-୧, ରାଜସ୍ଥାନ-୧, ତାମିଲନାଡୁ-୩ ଏବଂ ପଶ୍ଚିମବଙ୍ଗ ରାଜ୍ୟ ଫେରନ୍ତା- ୨ ଜଣ ଏହିପରି ମୋଟ ୧୪ ଜଣ ପ୍ରବାସୀମାନଙ୍କ ରିପୋର୍ଟ ପଜିଟିଭ ଆସିଛି । ସେହିପରି ଲୋକାଲ କଣ୍ଟାକ୍ଟରୁ ୧୨ ଜଣ କରୋନା ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ବଡ଼ସାହି, ବିଜାତୋଳା, କପ୍ତିପଦା, ବାରିପଦା ବ୍ଲକ ଓ ପୌରପରିଷଦ ପ୍ରତ୍ୟେକ ଅଞ୍ଚଳରୁ ଜଣେ ଲେଖାଏଁ ମୋଟ ୫ ଜଣ, ବେତନଟୀ ଓ ଖୁଂଟା ବ୍ଲକରୁ ୨ ଜଣ ଲେଖାଏଁ ମୋଟ ୪ ଜଣ ଏବଂ କୁସୁମୀ ବ୍ଲକ ଅଂଚଳରୁ ୩ ଜଣ ରହିଛନ୍ତି । ସେହିପରି ଶାମାଖୁଂଟା ଓ ଖୁଂଟା ବ୍ଲକ ଅଂଚଳରୁ ୨ ଜଣ କୋଭିଡ଼ ଯୁଦ୍ଧା ରହିଛନ୍ତି । ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତମାନଙ୍କୁ କୋଭିଡ଼ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଛି ଏବଂ ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରି ଯାଂଚ କରାଯାଉଛି ବୋଲି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଟୁଇଟରରେ ପ୍ରଦାନ କରାଯାଇଥିବା ସୂଚନାରୁ ଜଣାପଡ଼ିଛି । ଗତ କାଲି ଓ ଆଜିକୁ ମିଶାଇ ୭ ଜଣ କୋଭିଡ଼ ଯୁଦ୍ଧା ଏବଂ ୧୭ ଜଣ ଲୋକାଲ କଟାକ୍ଟରୁ ପଜିଟିଭ ଚିହ୍ନଟ ହେବା ଜିଲ୍ଲା ଓ ପ୍ରଶାସନ ପାଇଁ ଅଶୁଭ ସଙ୍କେତ ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି । ଏଥି ସହିତ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଘୋଷଣା ଅନୁସାରେ ଆଜି ମୟୂରଭଞ୍ଜ ଜିଲ୍ଲାରେ ୧୧ ଜଣ ସୁସ୍ଥ ହୋଇ ଫେରିଥିବାର ଜଣାପଡ଼ିଛି । ଫଳରେ ଜିଲ୍ଲାରେ ସୁସ୍ଥ ସଂଖ୍ୟା ୧୭୭ ଏବଂ ଆଜିକୁ ମିଶାଇ ଜିଲ୍ଲାରେ ସକ୍ରିୟ ସଂଖ୍ୟା ୭୫ରେ ପହଂଚିଥିବା ସମୟରେ ଜଣକର ମୃତ୍ୟୁ ହୋଇଛି ।

ଭୁବନ ରେ ସଟଡାଉନ ପ୍ରଭାବ, ବଜାର ଶୁନସାନ

ଭୁବନ, ୦୫/୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲାକୁ ୧୦ ହଜାର ରୁ ଉର୍ଦ୍ଧ୍ୱ ପ୍ରବାସୀ ଆସିଥିବା ବେଳେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୨ ରେ ପହଁଚିଥିବାରୁ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ଚିଠି ନଂ-୫୯୯୦ ତା୨.୭.୨୦୨୦ ରେ ଜୁଲାଇ ୩୧ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାର ଦୁଇଦିନ ସମଗ୍ର ଜିଲ୍ଲାରେ ସଟଡାଉନ ଘୋଷଣା କରିଛନ୍ତି । ଭୁବନରେ ସଟଡାଉନ ଏକଦମ କଡାକଡି ଭାବେ ପାଳନ କରାଯାଇଥିବାରୁ ସମସ୍ତ ଦୋକାନ,ବଜାର,ଦୈନିକ ପରିବା ମାର୍କେଟ ସଂପୂର୍ଣ୍ଣ ବନ୍ଦ ଥିଲା । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ଷୀର, ପାଉଁରୁଟି ମଧ୍ୟ ମିଳିନଥିଲା । କାଁ ଭାଁ ଲୋକ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା । ଭୁବନ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ପ୍ରତ୍ୟେକ ସାହି,ଛକ ଓ ବଜାର ମାନଙ୍କରେ ୨/୩ ଜଣ ପୋଲିସ କର୍ମଚାରୀ ଡ୍ୟୁଟି କରୁଥିଲେ । ଭୁବନ ବ୍ଲକ ଧଳପଡା ପଂଚାୟତ ଅନଳ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ କ୍ୱାରେନଟାଇନ ସେଂଟରରେ ଜନୈକ ପ୍ରବାସୀ ଙ୍କର କରୋନା ପଜିଟିଭ ରିପୋର୍ଟ ଆସିବା ପରେ ସମଗ୍ର ଭୁବନ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଲୋକମାନେ ସଚେତନ ହୋଇ ସତର୍କତା ପୂର୍ବକ ଆଜି ଘରୁ ପଦାକୁ ବାହାରିନଥିଲେ ।

ପୁଲିସର ଅମାନବୀୟ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ବିଜେପି ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟିଲେ

ଭଦ୍ରକ, ୫/୭ (ହି.ସ.) - ଧାମନଗର ଥାନା ପୁଲିସ ଏହି ଥାନା ଅନ୍ତର୍ଗତ ତାମ୍ପଳା ଗ୍ରାମର ଅଭିରାମ ଜେନାଙ୍କ ପରିବାରକୁ ନିର୍ଯାତନା ଦେବା ଘଟଣାକୁ ବିରୋଧ କରି ଆଜି ବିଜେପି ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଛନ୍ତି । ମାମଲା ଦଫାରାଫ ପାଇଁ ଲାଂଚ ନେଇ ପୁଲିସ ଓଲଟି ପରିବାର ଲୋକଙ୍କୁ ମାଡ ମାରିଛି । ଅଭିରାମ ଜେନାଙ୍କ ବଡଭାଇ ମାଗୁଣି ଜେନା ସହ ମାଙ୍କିଡିଆ ଗ୍ରାମର ନିତ୍ୟାନନ୍ଦ ବେହେରା, ନିରଞ୍ଜନ ବେହେରା ଏବଂ ସମ୍ପର୍ଗତ ବିଦ୍ୟାଧର ଜେନାଙ୍କ ପରିବାର ସହ ରହିଥିବା ଜମିବାଡି ବିବାଦର ସମାଧାନ ପାଇଁ ଥାନା ଅଧିକାରୀ ଲାଂଚ ମାଗିଥିଲେ । ମୁଳଚାଲ ବାବଦକୁ ହୋଇଥିବା ପଇସାର ଅଧା ମଧ୍ୟ ଥାନାବାବୁ ନେଇଛନ୍ତି । ପରେ ମାଗୁଣି ଜେନାଙ୍କ ପରିବାର ଦାଉ ସାଜି ନିଜ ଜାଗା ଉପରେ ତିଆରି ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଘରକୁ ବନ୍ଦ କରିଛନ୍ତି । ବାକି ରହିଥିବା ଲାଂଚ ବାବଦକୁ ଟଙ୍କା ନ ପାଇ ଘରେ ପଶି ମାଗୁଣିଙ୍କୁ ବାଡିରେ ମାଡ ମାରିବା ସହିତ ପରିବାର ଲୋକଙ୍କୁ ଅଶାଳୀନ ବ୍ୟବହାର କରିଛନ୍ତି । ଏହି ଘଟଣା ବିରୁଦ୍ଧରେ ନ୍ୟାୟ ପାଇଁ ବିଜେପି ପ୍ରତିନିଧି ଦଳରେ ରାଜ୍ୟ ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ମନମୋହନ ସମାଲ, ଭଦ୍ରକ ଜିଲ୍ଲା ସଭାପତି ହେମନ୍ତ ପାଢୀ, ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରୀନାରାୟଣ ଧଳ, ସାଂସଦ ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଶଶୀକାନ୍ତ ବିଶ୍ୱାଳ, ଦୈତାରୀ ଜେନା, ଯୁବନେତା ବିକାଶ ଶ୍ରେଷ୍ଠା, ଉଦୟ ନାରାୟଣ ମଲ୍ଲିକ, ଅନିଲ ବେହେରା ପ୍ରମୁଖ ଏସପିଙ୍କୁ ଭେଟି ନ୍ୟାୟ ପାଇଁ ଦାବି କରିଛନ୍ତି ।

ସଂଗ୍ରାମୀଙ୍କ ଶ୍ରାଦ୍ଧରେ ବୃକ୍ଷପୂଜା

ଭୁବନେଶ୍ୱର, ୦୫/୭ (ନି.ପ୍ର): ସଂଗ୍ରାମୀ ନଟବର ସିଂହସାମନ୍ତଙ୍କ ୩୫ତମ ଶ୍ରାଦ୍ଧ ଦିବସ ଅବସରରେ ଆଜି ପୂର୍ବାହ୍ନରେ କୋଭିଡ-୧୯ର ନିୟମକୁ ମାନି ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଏକ ସଂକ୍ଷିପ୍ତ ବୃକ୍ଷପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସ୍ଥାୟୀ ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଟ୍ରଷ୍ଟି ପ୍ରଜ୍ଞାରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱତନ୍ତ୍ର ଭାବେ ବକୁ

କୋଭିଡ୍ ହସ୍ପିଟାଲରେ ଶଯ୍ୟା ଅଭାବ ; ରୋଗୀଙ୍କ ଚିକିତ୍ସା ବିଳମ୍ବ ହେଉଥିବା ଅଭିଯୋଗ

ଗଞ୍ଜାମ,୫।୭ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୨୧ ରେ ପହଂଚିଲାଣି । ଅନ୍ୟପକ୍ଷରେ ସକ୍ରିୟ ରୋଗୀଙ୍କ ତୁଳନାରେ ଜିଲ୍ଲାରେ ଶଯ୍ୟା ସଂଖ୍ୟା ବହୁତ କମ୍ ରହିଛି । କୋଭିଡ୍ ହସ୍ପିଟାଲରେ ଶଯ୍ୟା ଅଭାବ କାରଣରୁ ବହୁ ରୋଗୀଙ୍କ ଚିକିତ୍ସା ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଜିଲ୍ଲାରେ ଏ ପର୍ଯ୍ୟନ୍ତ ୨୬୬୦ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏବେ ୧୦୩୭ ଜଣ ଚିକିତ୍ସାଧିନ ରହିଛନ୍ତି । ଏମାନଙ୍କ ମଧ୍ୟରେ ୨୦୦ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ରହିଥିବା ବେଳେ ୫୦ ଜଣ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ, ୨୦୦ ଜଣ ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା କୋଭିଡ୍ କେୟାର ସେଂଟର ଥିବା ଜଣାପଡିଛି । ଏଥିସହ ହିଞ୍ଜିଳି, ଭଞ୍ଜନଗର, ବ୍ରହ୍ମପୁର ସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥିକ କଲେଜ ହଷ୍ଟେଲରେ ହୋଇଥିବା ଆଇସୋଲେସନ ୱାର୍ଡ଼ରେ କେତେକ ପଜିଟିଭ୍ ଙ୍କୁ ରଖାଯାଇଛି । ଏବେ ରୋଗୀଙ୍କୁ ଘରୋଇ କ୍ୱାରେଂଟାଇନରେ ରହିବାକୁ ମଧ୍ୟ କୁହାଯାଉଥିବାର ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଲଗାତାର ରୋଗୀ ସଂଖ୍ୟା ବୃଦ୍ଧି ପାଇବା ଏବଂ ଶଯ୍ୟାର ଅଭାବ ଯୋଗୁଁ ପାଲୁର୍ ହିଲ୍ ନିକଟରେ ଥିବା ଆଦର୍ଶ ବିଦ୍ୟାଳୟରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର୍ ସେଂଟର କରିବାକୁ ନିଷ୍ପତି ନିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । କୋଭିଡ୍ ହସ୍ପିଟାଲରେ ୨୦୦ ଶଯ୍ୟା ରହିଛି । ଏଥିରେ ୨୦ ଟି ଶଯ୍ୟାରେ ଭେଂଟିଲେଟର ଓ ଆଇସିୟୁ ବ୍ୟବସ୍ଥା ରହିଛି । ସେ ସମସ୍ତ ଶଯ୍ୟାରେ ରୋଗୀ ଭର୍ତ୍ତି ହୋଇଛନ୍ତି । ୧୬ ଜଣ ଡ଼ାକ୍ତର, ୨୦ ଜଣ ନର୍ସ, ୧୦ରୁ ଉର୍ଦ୍ଧ୍ୱ ପାରା ମେଡ଼ିକାଲ କର୍ମଚାରୀ ନିୟୋଜିତ ହୋଇଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ପରେ ଏଠାକୁ ରୋଗୀ ଆସୁଛନ୍ତି । ସବୁଦିନ ଏଠାରେ ରୋଗୀ ଭର୍ତ୍ତି ହୋଇ ରହୁଥିବାରୁ ଅନ୍ୟ ଗୁରୁତର ରୋଗୀ ମାନେ ମଧ୍ୟ ଶଯ୍ୟା ଅଭାବ କାରଣରୁ ଏଠାକୁ ଆସିପାରୁନଥିବା ଅନୁମାନ କରାଯାଉଛି । ଗଞ୍ଜାମର ଅନେକ ରୋଗୀ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଯାଉଥିବା ଜଣାପଡିଛି । ପ୍ରଶାସନର ରିପୋର୍ଟ ଅନୁସାରେ ଗଞ୍ଜାମ ଜିଲ୍ଲାରେ ଗତ ଶୁକ୍ରବାର ସୁଦ୍ଧା ୧୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି । ଶନିବାରର ରିପୋର୍ଟ ଅନୁସାରେ ପୁଣି ୩ ଜଣଙ୍କର ମୃତ୍ୟୁ ଘଟିଛି । ତନ୍ମଧ୍ୟରେ ଜଣେ ୫୦ ବର୍ଷୀୟ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେ ପୂର୍ବରୁ ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ଥିଲେ । ଅନ୍ୟ ଜଣେ ୨୭ ବର୍ଷୀୟ ହୋଇଥିବା ବେଳେ ଆଉ ଜଣେ ୩୫ ବର୍ଷୀୟ ପୁରୁଷ ବୋଲି ସୂଚନା ମିଳିଛି । ଜିଲ୍ଲାରେ ଆଜି ସୁଦ୍ଧା ୫୦ ବର୍ଷ ବୟସରୁ କମ୍ ରେ ୯ ଜଣଙ୍କ ମୃତ୍ୟୁ ହେବା ଚିନ୍ତାର କାରଣ ହୋଇଛି । ଏହାର କାରଣ ସମ୍ପର୍କରେ ଏଣ୍ଡୋକାଇନୋଲୋଜିଷ୍ଟ ଡାକ୍ତର ସୁନିଲ କୁମାର କୋଟାଙ୍କ ମତ ହେଲା, ପ୍ରଥମତଃ ଅନିୟମିତ ରକ୍ତ ସର୍କରା ଯୋଗୁଁ ଶରୀରର ରୋଗ ପ୍ରତିଶେଧକ ପ୍ରଣାଳୀରେ ବ୍ୟବହୃତ ହେଉଥିବା ରକ୍ତ କଣିକା ଦୁର୍ବଳ ହୋଇଯାନ୍ତି । ଶରୀରକୁ ସଂକ୍ରମଣରୁ ରକ୍ଷା କରୁଥିବା ଆଂଟିବଡି ଯଥେଷ୍ଟ ପରିମାଣରେ ତିଆରି ହୋଇନାହିଁ । କମ୍ ବୟସରେ ମୃତ୍ୟୁର ଅନ୍ୟ ଏକ ମୁଖ୍ୟ ସମସ୍ୟା ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଯାଏ । ସେପଟେ ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ଓ ପରିଚାଳନା ନେଇ ନିଜର ପ୍ରତିକ୍ରିୟା ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) କହିଛନ୍ତି ଯେ, ଖଲ୍ଲିକୋଟ ସହରର ଜଣେ ଶିକ୍ଷକ ତାଙ୍କ ପତ୍ନୀ ଓ ୮ ବର୍ଷର ଝିଅ ସୁସ୍ଥ ହୋଇ ଘରକୁ ଫେରିବା ପରେ ଡ଼ାକ୍ତରଙ୍କ ବ୍ୟବହାର ଓ ଚିକିତ୍ସା ସମ୍ପର୍କରେ ସକରାତ୍ମକ ମନ୍ତବ୍ୟ ଦେଇଛନ୍ତି । ଡ଼ାକ୍ତରଙ୍କ ଚିକିତ୍ସା ଓ ବ୍ୟବହାର ତାଙ୍କ ଭିତରେ ଏକ ଅପୂର୍ବ ସାହସ ଭରି ଦେଇଥିଲା ବୋଲି କହିଛନ୍ତି ସମ୍ପୃକ୍ତ ଶିକ୍ଷକ । ଅନ୍ୟପକ୍ଷରେ କୋଭିଡ୍ ହସ୍ପିଟାଲରେ ବିଭିନ୍ନ ଅନିୟମିତତା ଓ ପରିଚାଳନାଗତ ତ୍ରୁଟିକୁ ନେଇ ଭିନ୍ନ ଭିନ୍ନ ସମୟରେ ଭିଡ଼ିଓ ଭାଇରାଲ୍ ହେଉଥିବା ଜଣାପଡିଛି ।

ମୃତ ଯୁବକଙ୍କ ପରିବାରକୁ ଭେଟିଲେ ବିଜେଡି ଯୁବନେତା

ନୀଳଗିରି,୫।୭ (ନି.ପ୍ର): ଔପଦା ବ୍ଲକ ଅଧିନସ୍ଥ ବାଉଁଶବଣିଆ ପଂଚାୟତର ଛୋଟକାନପୁର ଗ୍ରାମର ଦୀଲ୍ଲିପ ପ୍ରଧାନଙ୍କ ଅକଳା ମୃତ୍ୟୁ ଯୋଗୁଁ ପରିବାର ଓ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଖବର ପାଇ ନୀଳଗିରି ବିଜେଡିର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ନିର୍ଦ୍ଦେଶରେ ଔପଦା ବ୍ଲକ ଯୁବ ବିଜେଡି ସଭାପତି ବିଯଜ ପ୍ରଧାନ , ମିଡିଆ କୋଡିନେଟର କପିଳ ସାମଲ, ବାଉଁଶବଣିଆ ପଂଚାୟତ ସଭାପତି ଚନ୍ଦନ ଦାସ, ଯୁବନେତା ରମେଶ ରାଉତ, ନୀଳଗିରି ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସବ୍ୟସାଚୀ ମହାପାତ୍ର ଓ ସୁଭେନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ଭେଟି ଆର୍ଥିକ ସହାୟତ କରିବା ସହିତ ସମବେଦନା ଜଣାଇଥିଲେ ।

ବୌଦ୍ଧ ଜିଲାରେ ମୌସୁମୀର ଲୁଚକାଳି : ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ

ବୌଦ୍ଧ,୫।୭ (ନି.ପ୍ର): ବୌଦ୍ଧ ଜିଲା ଏକ କୃଷିପ୍ରଧାନ ଜିଲା ଅଟେ । ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଲିଥାନ୍ତି । କିନ୍ତୁ ବର୍ତମାନ ମୌସୁମୀର ଲୁଚକାଳି ଓ ଜିଲାରେ ଜଳସେଚନର ସୁବିଧା ନଥିବାରୁ ଜମି ସବୁ ପଡିଆ ପଡିଛି । ଜିଲାରେ ଚଳିତ ବର୍ଷ ୮୫,୧୫୦ ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଲକ୍ଷ୍ୟ ଥିବା ବେଳେ ବର୍ଷା ନଥିବାରୁ ଚିନ୍ତାରେ ଚାଷୀ ମଣ୍ଡରେ ହାତ ଦେଇବସିଛି । ଜିଲାରେ ମହାନଦୀ, ତେଲନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀ ପ୍ରବାହିତ ହୋଇଥିଲେ ସୁଧା ଜମିକୁ ପାଣି ଯୋଗାଇ ହୋଇପାରୁନଥିବାରୁ ଚାଷି ବର୍ଷା ପାଣି ଉପରେ ହିଁ ନିର୍ଭର କରିରହିଥାଏ । ସାଲୁଙ୍କୀ ଓ ବାଘ ଜଳସେଚନ ପ୍ରକଳ୍ପ ଦ୍ୱାରା କିଛି ଜମିକୁ ଜଳସେଚନର ସୁବିଧା ଥିଲେ ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଏଗୁଡିକ ବର୍ଷା ପାଣି ଉପରେ ନିର୍ଭର କରିଥାଏ । ମହାନଦୀ ଓ ତେଲନଦୀ ପାଣି ଉପରେ ଉଠାଜଳସେଚନ ଦ୍ୱାରା ପାଣି ଯୋଗାଇ ଦିଆଯାଇଥାଏ, କିନ୍ତୁ ସେଗୁଡିକ ଠିକ ଭାବେ କାର୍ଯ୍ୟକରୁନଥିବାରୁ ଚାଷି କେବଳ ବର୍ଷା ପାଣି ଉପରେ ନିର୍ଭରଶୀଳ । ଚଳିତ ବର୍ଷ ଜିଲାରେ ଏପର୍ଯ୍ୟନ୍ତ ଠିକ ଭାବେ ବର୍ଷା ହୋଇନଥିବାରୁ ଜମି ଗୁଡିକର ମାଟି ଶୁଖିଲା ପଡିଛି । ବାହୁଡା ଯାତ୍ରା ପରେ କୃଷିକ୍ଷେତ୍ରରେ ଜୋର ସୋର କାମ ଆରମ୍ଭ ହୋଇଥାଏ । ବାହୁଡା ଯାତ୍ରା ସମୟରେ ଚାଷି ଜମିରେ ତଳି ଲଗାଇବା ସହ ବିହୁଡା କରିଥାଏ । କିନ୍ତୁ ବାହୁଡା ସରିଲାଣି ପଛେ ଚାଷି ଜମିରେ ହଳ ମଧ୍ୟ କରିପାରିନାହିଁ । ଚଳିତବର୍ଷ କରୋନା ମହାମାରୀ ଯୋଗୁଁ ଚାଷୀ ବହୁ କ୍ଷତିରେ ଥିବା ବେଳେ ବର୍ଷା ନଥିବାରୁ ଚିନ୍ତା ବଢିଯାଇଛି । ଯଦି ଆଗକୁ ସପ୍ତାହକେ ମଧ୍ୟରେ ବର୍ଷା ନହୁଏ ଜିଲାରେ ଚାଷି କ୍ଷତି ସହିବା ସହ ଆସନ୍ନ ମରୁଡିର ଶୀକରେ ହେବ । ଚଳିତ ବର୍ଷ ପାଣିପାଗ ବିଭାଗ ପକ୍ଷରୁ ସ୍ୱାଭାବିକ ବର୍ଷା ହେବା ନେଇ ସୁଚନାଦେଇଥିବା ବେଳ କିନ୍ତୁ ବର୍ଷାର ଦେଖାନାହିଁ । ଜିଲାରେ ରହିଥିବା କୃଷି କ୍ଷେତ୍ରରେ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରାନଗଲେ ଜିଲାର ଚାଷୀ ପ୍ରତିବର୍ଷ ଚାଷ ପାଇଁ ବହୁଂହଇରାଣ ହେବା ସହ ମରୁଡିର ଶୀକାର ହେଉଅଛି । ଉନ୍ନତି ଅଣାଯିବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ବୌଦ୍ଧବ୍ଲକ୍ ଟିକରପଡା ଫଂଚାୟତର ଗୁରୁଜୀମୁଣ୍ଡା ଠାରେ ଏକ ହାଇଡ୍ରୋ ପାୱାର ପ୍ରକଳ୍ପ ନିର୍ମାଣ ପାଇଁ ଜିଲାର ଅନେକ ଚାଷୀ ସଂଗଠନ ପକ୍ଷରୁ ପ୍ରସ୍ତାବ ଦିଆଯିବାପରେ ଏହାକୁ ନେଇ ପ୍ରାଥମିକ ପର୍ଯ୍ୟାୟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର ଭବିଷ୍ୟତ ଏବେ ଅନ୍ଧାରରେ ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଲେ ବର୍ତମାନ ସାଲୁଙ୍କୀ ପ୍ରକଳ୍ପ ଦ୍ୱାରା ଜଳସେଚିତ ଜମିରେ ଦୁଇଥର ଫସଲ ଉତ୍ପାଦନ ସମ୍ଭବ ହେବା ସହିତ ଜିଲାରେ ପ୍ରାୟ ୪୦ ହଜାର ହେକ୍ଟର ଜମିରେ ସ୍ଥାୟି ଜଳସେଚନର ସୁବିଧା ମିଳିପାରିବ ବୋଲି ଆକଳନ କରାଯାଉଅଛି । ସେହିପରି କ ।ମାଳ ବ୍ଲକରେ ମଧ୍ୟ ସ୍ଥାୟି ଜଳସେଚନ ବ୍ୟବସ୍ଥା ପାଇଁ ଅନେକ ସୁଯୋଗ ରହିଛି । ପ୍ରଶାସନ ପକ୍ଷରୁ ଜିଲାରେ ସ୍ଥାୟୀ ଜଳସେଚନର ସୁବିଧା ନହେଲେ କୃଷିଭିତିକ ବୌଦ୍ଧ ଜିଲାର ଚାଷୀ କୁଳ ଆର୍ଥିକ ସ୍ତରରେ ଉନ୍ନତି ହୋଇପାରିବ ନାହି ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଉଅଛି ।

କେନ୍ଦୁପତ୍ର ତୋଳାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ସମସ୍ୟା ନେଇ ଡିଏଫଓଙ୍କ ସହ ଆଲୋଚନା

ନୂଆପଡ଼ା,୫।୭ (ନି.ପ୍ର): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ଶାଖା ତରଫରୁ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଡିଭିଜନ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କେନ୍ଦୁପତ୍ର ତୋଳାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । କୌଣସି ପରିସ୍ଥିତିରେ ମଧ୍ୟ ବନ୍ଧେଇ ଚେକର ଓ ଚପରାସୀ ମାନଙ୍କ ଛଟେଇ ବର୍ତମାନର କରୋନା ମହାମାରୀ ସମୟରେ ବରଦାସ୍ତ କରାଯିବନାହିଁ ବୋଲି ସଂଘ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରି ଦାବୀ କରିଥିଲେ । ସେକ୍ସନ ୱାଚର ମାନଙ୍କ ସିଜନରେ ଗୋଛା କଟାଇ ଆରମ୍ଭରୁ ସିଜନ ଶେଷ ପର୍ଯ୍ୟନ୍ତ ୩ ମାସର ଦରମା ପ୍ରଦାନ, ୨୦୧୭ ଓ ୨୦୧୮ର ମଞ୍ଜୁରୀପ୍ରାପ୍ତ ହୋଇ ପଡି ରହିଥିବା ଓ୍ୱେଲଫେୟାର ଟ୍ରଷ୍ଟର ଝିଅ ବାହାଘର ସହାୟତା, ଛାତ୍ରବୃତ୍ତି ଓ ଚିକିତ୍ସା ସହାୟତା ତୁରନ୍ତ ପ୍ରଦାନ, ସିଜିନାଲ ଷ୍ଟାଫଙ୍କ ଏମ୍ପ୍ଲୟୀ ପ୍ରୋଭିଡେଂଟ ଫଣ୍ଡ ବ୍ୟବସ୍ଥା ତୁରନ୍ତ ଲାଗୁ କରିବା, ଖାଳିଥିବା ପଦ ପଦବୀ ପୂରଣ, ଚଳିତ ସିଜନରେ ଜୁନ ୫ ତାରିଖ ପର୍ଯ୍ୟନ୍ତ ହୋଇଥିବା ଖର୍ଦ୍ଦି ପାଇଁ ଦରମା ପ୍ରଦାନ, ୨୦୧୮ ସିଜିନାଲ ଷ୍ଟାଫଙ୍କ ବର୍ଦ୍ଧିତ ଦରମାର ବକେୟା ପ୍ରଦାନ ଇତ୍ୟାଦି ଦାବୀ ଉପରେ ଆଲୋଚନା ହୋଇଥିଲା । ଉପରୋକ୍ତ ସମସ୍ୟା ଓ ଦାବୀଗୁଡିକ ଉପରେ ବନଖଣ୍ଡ ଅଧିକାରୀ ପ୍ରଭଞ୍ଜନ ପ୍ରଧାନ ସମାଧାନ କରଯିବାର ପ୍ରତିଶୃତି ଦେଇଥିଲେ । ଉପରୋକ୍ତ ଦାବୀ ଗୁଡିକର ଯଥାଶିଘ୍ର ସମାଧାନ କରାନଗଲେ ସଂଘ ଆନ୍ଦୋଳନକୁ ଓଲ୍ଲାଇବ ବୋଲି ଚେତାବନୀ ଦେଇଥିଲା । ଏହି ଆଲୋଚନାରେ ଅବଦୁଲ ରସିଦ, ଡୋଲେଶ୍ୱର ପଟେଲ, ବାବୁଲାଲ ପଟେଲ, ଇଶ୍ୱର ଶବର, ହରେକୃଷ୍ଣ ଭୋଇ, ଗୟା ବାଗ, ମଙ୍ଗଳସାଏ ବଗର୍ତୀ, ଦମନ ନାୟକ, କୃଷ୍ଣବଲ୍ଲଭ ବାରିକ, ନଟବର ନାଗ, ରୁଦ୍ର ନାଗ, କ୍ଷେତ୍ରବଲ୍ଲଭ ପଟେଲ ପ୍ରମୁଖ କର୍ମକର୍ତା ସାମିଲ ହୋଇଥିଲେ ।

ଆଦର୍ଶ ଶିକ୍ଷକଙ୍କ ମୃତ୍ୟୁ ହୋଇନପାରେ : ଅତୁଲ ରାଜଙ୍କ ଏକାଦଶାହ ଶ୍ରାଦ୍ଧ ସଭା

ଜଳେଶ୍ୱର,୫।୭(ନିପ୍ର): ଶିକ୍ଷା ଓ ଶିକ୍ଷକ ଅଙ୍ଗାଙ୍ଗୀଭାବେ ଜଡିତ । ଜଣେ ଆଦର୍ଶ ଶିକ୍ଷକଙ୍କ କେବେବି ମୃତ୍ୟୁ ହୋଇନପାରେ । ତେଣୁ ସେ ଚିରଦିନ ଅମର ହୋଇ ରହିପାରନ୍ତି ବୋଲି ଆଜି ରବିବାର ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ନିଜଗାଁ କାଶିଡିହା ଠାରେ ସାମାଜିକ ଦୂରତା ଅବଲମ୍ବନ କରି ଆୟୋଜିତ ଅତୁଲ ରାଜଙ୍କ ସ୍ମୃତି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ପ୍ରବୀଣ ଶିକ୍ଷକ ଯତିନ୍ଦ୍ର ନାଥ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରାଦ୍ଧ ସଭାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ, ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ସୀମାନ୍ତ ଶିକ୍ଷାନିକେତନର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଳ, ତାଙ୍କ ପ୍ରତିଷ୍ଠିତ ହାଇସ୍କୁଲର ଶିକ୍ଷକ ପଂଚାନନ ସାହୁ, ରାମଶଂକର ରାଜ, ପଂଚାୟତ ସମିତି ସଦସ୍ୟ ସଂଜୟ ମହାନ୍ତି, ସୁଜୟ ଦେ, ସୁଶିଲ ମହାନ୍ତି, ପ୍ରଣବାନନ୍ଦ ନାୟକ, ରତିକାନ୍ତ ମହାନ୍ତି, ରବିନାରାୟଣ ପାତ୍ର , ଅରୁଣ କୁମାର ମାଇତି , ଶାନ୍ତନୁ ଦେ ପ୍ରମୁଖ ସ୍ୱର୍ଗତ ଅତୁଲ ରାଜଙ୍କୁ ସୀମାନ୍ତ ଶିକ୍ଷାନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା, ଜଣେ ସଂଗଠକ, ମେଳାପି, ଛାତ୍ରବତ୍ସଳ, ଅନୁଷ୍ଠାନ ପ୍ରେମୀ, ଦରଦୀ ବନ୍ଧୁ ବୋଲି ଅଭିହିତ କରିଥିଲେ । ଶିକ୍ଷକ ସୁଶାନ୍ତ କୁମାର ଦାସ ମଂଚ ସଂଚାଳନ କରିଥିଲେ ।

ଗୁରୁ ପୂର୍ଣ୍ଣିମାରେ ଔଷଧୀୟ ବୃକ୍ଷରୋପଣ

ଭୁବନେଶ୍ୱର,୫।୭ (ନି.ପ୍ର): ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଗୁରୁଙ୍କୁ ସମର୍ପଣ କରି କପିଳପ୍ରସାଦ ଫୁଟ୍‌ବଲ ପଡ଼ିଆ ନିକଟ ସ୍ମଶାନରେ ସେବା ପ୍ରତିନିଧି ପକ୍ଷରୁ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ଅତିଥି ଭାବେ ପିଡିଏଚ୍‌ଆର୍‌ଆଇର କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ ଯୋଗଦେଇ ଏହି ବୃକ୍ଷ ରୋପଣ କରିଥିଲେ । ଏବେଠୁ ବୃକ୍ଷ ରୋପଣ କରି ଏହାର ଜତ୍ନ ନକଲେ ଭବିଷ୍ୟତରେ ଅମ୍ଳଜାନ ପାଇଁ ସମସ୍ୟା ଭୋଗିବା । କରୋନା ପରି ମହାମାରୀ ଦେଖାଯିବାର ସମ୍ଭାବନା ରହିଛି ବୋଲି ଶ୍ରୀ ସାହୁ କହିଥିଲେ । ସେବା ପ୍ରତିନିଧିର ନିଳମଣି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ସ୍ମଶାନ ସଫେଇ କରାଯାଇଥିଲା ।

ଭୁବନରେ ସଟଡାଉନର ଦ୍ୱିତୀୟ ଦିନ ; ବଜାର ଶୁନସାନ, ଭୟରେ ଲୋକେ ଘରୁ ବାହାରିଲେନି

ଭୁବନ,୫।୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ଜୁଲାଇ ୩୧ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାର ଦୁଇଦିନ ସମଗ୍ର ଜିଲ୍ଲାରେ ସଟଡାଉନ ଘୋଷଣା କରାଯାଇଥିବା ବେଳେ ଆଜି ଦ୍ୱିତୀୟ ଦିବସରେ ଭୁବନରେ ସଟଡାଉନ ଏକଦମ କଡାକଡି ଭାବେ ପାଳନ କରାଯାଇଥିବାରୁ ସମସ୍ତ ଦୋକାନ, ବଜାର, ଦୈନିକ ପରିବା ମାର୍କେଟ ସଂପୂର୍ଣ୍ଣ ବନ୍ଦ ଥିଲା । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ଷୀର, ପାଉଁରୁଟି ଏବଂ ଖବରକାଗଜ ରେ ପ୍ରତିବନ୍ଧକ ନଥିବା ବେଳେ ଓମଫେଡ ଗାଡି ଆସିନଥିବାରୁ ଆଜି କ୍ଷୀର ହୋମ ଡେଲିଭରି ହୋଇପାରିନଥିଲା । କାଁ ଭାଁ ଲୋକ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା ବେଳେ କର୍ତବ୍ୟରତ ପୋଲିସ କର୍ମଚାରୀମାନେ ବାଇକରେ ଯାଉଥିବା ଲୋକଙ୍କୁ ଅଟକାଇ ପଚରାଉଚରା କରି ସନ୍ତୋଷ ଜନକ ଉତର ମିଳିବା ପରେ ଛାଡୁଥିବା ଦେଖିବାକୁ ମିଳିଥିଲା । ଭୁବନ ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ପ୍ରତ୍ୟେକ ସାହି,ଛକ ଓ ବଜାର ମାନଙ୍କରେ ୨/୩ ଜଣ ପୋଲିସ କର୍ମଚାରୀ ଡ୍ୟୁଟି କରୁଥିଲେ । ଭୁବନ ବ୍ଲକ ଧଳପଡା ପଂଚାୟତ ଅନଳ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ କ୍ୱାରେନଟାଇନ ସେଂଟରରେ ଜନୈକ ପ୍ରବାସୀ ଙ୍କର କରୋନା ପଜିଟିଭ ରିପୋର୍ଟ ଆସିବା ପରେ ସମଗ୍ର ଭୁବନ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଲୋକମାନେ ସଚେତନ ହୋଇ ସତର୍କତା ପୂର୍ବକ ଆଜି ଘରୁ ପଦାକୁ ବାହାରିନଥିଲେ । ଟିଏମସି ରେ ରହୁଥିବା ପ୍ରବାସୀ ମାନଙ୍କର କୋଭିଡ ଟେଷ୍ଟ କରାନଯାଇ ଛାଡିଦିଆ ଯାଉଥିବାରୁ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଘରକୁ ଘର ବୁଲି କୋଭିଡ ଟେଷ୍ଟ କରିବା କୁଆଡେ ଗଲା ? ଏମିତି ଲକଡାଉନ ,ସଟଡାଉନ ରେ କିଛି ଲାଭ ନାହିଁ ,ସରକାର ଟିଏମସି ରେ ରହୁଥିବା ପ୍ରବାସୀ ଙ୍କର ଟେଷ୍ଟ କରାନ୍ତୁ ,ଘରକୁ ଘର ବୁଲି ସର୍ଭେ କରାନ୍ତୁ ବୋଲି କେତେକ ବୁଦ୍ଧିଜୀବୀ ମତବ୍ୟକ୍ତ କରୁଛନ୍ତି ।

ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୩ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୫।୭ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଏହି ସମୟ ମଧ୍ୟରେ ୧୫୮ ଟି ବାହନରୁ ଜୋରିମାନା ଆଦାୟ କରା ଯାଇଥିବା ସୂଚନା ଦିଆ ଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଯବାନ - ମାଓବାଦୀ...

ଏହି ସମୟରେ ଜିଲ୍ଲାରେ ଏକ ବଡ଼ ଧରଣର ଅଘଟଣ ଘଟାଇବାର ଯୋଜନା ଜାରୀ ରହିଥିବା ଜାଣି କନ୍ଧମାଳ ପୋଲିସ ଏହି କୁମ୍ଭିଂ ଅପରେସନ ଜାରୀ ରଖିଛି ବୋଲି ଜିଲ୍ଲା ଆରକ

ସୋମବାର,୬ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ମାଲକାନଗିରି ପୋଲିସ କ୍ୟାଂଟିନରେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ପ୍ରସଙ୍ଗ:ଆଜି ମାଲକାନଗିରି ଗସ୍ତ କରିବ ବିଜେପି ପ୍ରତିନିଧୀଦଳ

ଭୁବନେଶ୍ୱର,୫।୭ (ନି.ପ୍ର): ମାଲକାନଗିରି ପୋଲିସ କ୍ୟାଟିଂନରେ କାର୍ଯ୍ୟରତ ଥିବା ଆଦିବାସୀ ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା ଏବଂ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ଏପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିନାହିଁ । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ରାଜ୍ୟ ବିଜେପି ଉପ ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ମଣ୍ଡଳ ମାଲକାନଗିରି ଗସ୍ତ କରିବେ ଏବଂ ମଙ୍ଗଳବାର ଦିନ ଘଟଣାସ୍ଥଳକୁ ଯାଇ ପୀଡିତାଙ୍କ ପରିବାର, ସ୍ଥାନୀୟ ପ୍ରଶାସନ, ପୋଲିସ ଅଧିକାରୀଙ୍କୁ ଭେଟି ଘଟଣା ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବେ ।

ମାଲକାନଗିରି ମହିଳା ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଏସସି ଏସଟି ଏଟ୍ରୋସିଟି ଆକ୍ଟ ଲଗାଇ ୬୦ ଦିନ ଭିତରେ ଚାର୍ଜସିଟି ଫାଇଲ ହେବା କଥା । ଏହା ସହ ତୁରନ୍ତ ପୀଡିତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ରାଜ୍ୟସରକାର ଚୁପ୍ ରହିଛନ୍ତି । ମାଲକାନଗିରି ଘଟଣା କୁନ୍ଦୁଲୀ ଘଟଣାର ପୁନରାବୃତି । ଦୁଇ ମାସ ସମୟ ପରେ ବି ପୋଲିସ ମୃତା ମହିଳାଙ୍କ ପୋଷ୍ଟମର୍ଟମ ରିପୋର୍ଟକୁ ବି ସାର୍ବଜନୀନ କରୁନାହିଁ । ମାଲକାନଗିରି ଘଟଣାରେ ପୀଡିତାର ମୃତ୍ୟୁ ହେବା ପରେ ବି କୌଣସି ବରିଷ୍ଠ ପୋଲିସ ଅଧିକାରୀ ଦୋଷୀଙ୍କୁ ଧରିପାରିଲେ ନାହିଁ । ଏସସି ଏସଟି ଏଟ୍ରୋସିଟି ଆକ୍ଟ ଅନୁଯାୟୀ ଅପରାଧୀଙ୍କୁ ଗିରଫ କରିବା, ପୀଡିତାଙ୍କୁ ଯଥାଯୋଗ୍ୟ ନ୍ୟାୟ ଏବଂ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ବିଜେପି ବାରମ୍ବାର ଦାବି କରୁଥିଲେ ବି ପୋଲିସ ଘଟଣାକୁ ଚପେଇ ଦେବାକୁ ଉଦ୍ୟମ ଚଳାଇଛି । ଆସନ୍ତାକାଲି ବିଜେପି ପ୍ରତିନିଧୀ ମଣ୍ଡଳରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ବିଧାୟକ ଆଦିତ୍ୟ ମାଢି ଓ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ବବିତା ପାତ୍ର ପ୍ରମୁଖ ୬ ଜଣିଆ ପ୍ରତିନିଧୀ ଦଳ ମାଲକାନଗିରି ଗସ୍ତ କରିବେ ।

ବାଲେଶ୍ୱରେ ସଫଳ ସପ୍ତାହଅନ୍ତ ଦୁଇଦିନିଆ ସଟ୍ ଡାଉନ୍

ବାଲେଶ୍ୱର,୫।୭ (ନି.ପ୍ର): କରୋନା ସଂକ୍ରମଣ ରୋକିବା ପାଇଁ ସମଗ୍ର ଦେଶରେ ପ୍ରଥମେ ୪ ଗୋଟି ପର୍ଯ୍ୟାୟରେ ଲକ୍ ଡାଉନ୍ ଓ ଅନ୍‌ଲକ୍-୧ପରେ ଚଳିତ ଜୁଲାଇ ମାସ ପହିଲାରୁ ଆରମ୍ଭ ହୋଇଛି ଅନଲକ୍-୨। ତେବେ ଅନଲକ୍-୧ ତୁଳନାରେ ଅନଲକ୍-୨ରେ କେନ୍ଦ୍ର ସରକାର କଟକଣା କିଛି କୋହଳ କରିଥିବା ବେଳେ ଓଡ଼ିଶାରେ ବାଲେଶ୍ୱର ସମେତ୧୦ଟି କରୋନା ପ୍ରବଣ ଜିଲ୍ଲାରେ ପୂର୍ବପରି ସପ୍ତାହ ଅନ୍ତ ଦୁଇଦିନିଆ ସଟ୍ ଡାଉନ୍ ବଳବତ୍ତର ରହିଛି। ଆଜି ଥିଲା ଅନଲକ୍-୨ ସପ୍ତାହ ଅନ୍ତ ସଟ ଡାଉନର ଦ୍ୱିତୀୟ ଦିନରେ ବାଲେଶ୍ୱରରେ ବେଶ୍ ପ୍ରଭାବ ପକାଇଥିବା ପରିଲକ୍ଷିତ ହୋଇଛି। ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି। ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ ନ ପଡ଼ିଲେ ବା ମେଡିକାଲକୁ ଯିବା ଭଳି ଜରୁରୀ ସ୍ଥିତିରେ କାଁ ଭାଁ ଲୋକେ ଘରୁ ବାହାରୁ ଥିଲେ ବି ତାହା ପୁଣି ପ୍ରଶାସନର ଅନୁମତି ନେଉଛନ୍ତି। ସେହିଭଳି ଏହି ଦୁଇଦିନିଆ ସଟ୍ ଡାଉନ୍‌ର ସଫଳତା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିଛନ୍ତି। ଆବଶ୍ୟକ ପଡ଼ିଲେ ଯାଞ୍ଚ ବି କରୁଛନ୍ତି। ଅନ୍ୟ ପକ୍ଷରେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଛି ବୋଲି ସିଟି ଡିଏସପି ମନୋଜ ରାଉତ ସୂଚନା ଦେଇଛନ୍ତି। ବିନାକାରଣରେ ରାସ୍ତାକୁ ବାହାରୁଥିବା କେତେକ ଅମାନିଆଙ୍କୁ ଧରପଗଡ଼ ସହ କିଛି ସମୟ ପାଇଁ ଅଟକ ରଖାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

ଗଂଜାମ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୧୮୨ ହେଲା

ଭୁବନେଶ୍ୱର,୫।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୧୧୬ଟି କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୧୮୨ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସେହିପରି ଖୋର୍ଧା ଜିଲ୍ଲାରେ ୯୭୧, କଟକ ଜିଲ୍ଲାରେ ୮୧୩, ଯାଜପୁର ଜିଲ୍ଲାରେ ୫୬୬, ଗଜପତି ଜିଲ୍ଲାରେ ୪୬୧, ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୩୯୮ ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ସୁନ୍ଦରଗଡ ଜିଲ୍ଲାରେ ୩୨୨, ଜଗତସିଂହପୁର ଜିଲ୍ଲାରେ ୩୧୭, ପୁରୀ ଜିଲ୍ଲାରେ ୨୯୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣା ପଡିଛି । ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ୨୬୯, ଭଦ୍ରକ ଜିଲ୍ଲାରେ ୨୬୧, ମୟୁରଭଂଜ ଜିଲ୍ଲାରେ ୨୫୯, କନ୍ଧମାଳ ଜିଲ୍ଲାରେ ୧୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀର ଜିଲ୍ଲାରେ ୨୧୩, ନୟାଗଡ ଜିଲ୍ଲାରେ ୧୬୪ ତଥା କେନ୍ଦୁଝର ଜିଲ୍ଲାରେ ୧୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ଦିଆ ଯାଇଛି। ଝାରସୁଗୁଡା ଜିଲ୍ଲାରେ ୧୨୮, ରାୟଗଡା ଜିଲ୍ଲାରେ ୧୧୫, ନୂଆପଡା ଜିଲ୍ଲାରେ ୮୨, ଢେଙ୍କାନାଳ ଜିଲ୍ଲାରେ ୮୪, କଳାହାଣ୍ଡି ଜିଲ୍ଲାରେ ୭୮ ଓ ବରଗଡ ଜିଲ୍ଲାରେ ୧୩୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲାରେ ୧୦୬, ମାଲକାନଗିରି ଜିଲ୍ଲାରେ ୧୧୨, ସମ୍ବଲପୁର ଜିଲ୍ଲାରେ ୮୩, ଦେବଗଡ ଜିଲ୍ଲାରେ ୬୨ ଓ ବୌଦ୍ଧ ଜିଲ୍ଲାରେ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୋନପୁର ଜିଲ୍ଲାରେ ୩୯. ନବରଙ୍ଗପୁର ଜିଲ୍ଲାରୁ ୫୫ ଜଣ କୋରାପୁଟ ଜିଲ୍ଲାରେ ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

କ୍ୱାରେନଟାଇନ ସେଂଟରରେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ

ନୀଳଗିରି,୫।୭ (ନି.ପ୍ର): କରୋନା ମହାବିପର୍ତ୍ତିରୁ ରକ୍ଷା ପାଇବା ପାଇଁ ସରକାର ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀ ମାନଙ୍କୁ ଟିଏମସି ସେଂଟରରେ ରଖି ଚିକିତ୍ସା କରାଉଛନ୍ତି। ନୀଳଗିରିର ବଣଭୁଇଁ ଟିଏମସି ସେଂଟରରେ ବେଙ୍ଗଲର ଫେରନ୍ତା ଜନୈକ ଶାଳବଣି ଅଂଚଳର ଯୁବତୀ ଥିଲେ। ସଂନ୍ଧ୍ୟା ସମୟରେ ଜନୈକ ଯୁବକ ତାଙ୍କୁ ଦୁଷ୍କର୍ମ କରିବା ନେଇ ଉଦ୍ୟମ କରୁଥିବା ବେଳେ ଯୁବତୀ ଜଣକ ପାଟିପରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ଏନେଇ ଯୁବତୀ ଜଣକ କୋଭିଡ -୧୯ ମାଜିଷ୍ଟ୍ରେଟ ତଥା ତହସିଲଦାର ଅଶେଷ ନାୟକଙ୍କ ପାଖରେ ଅଭିଯୋଗ କଲାପରେ ଘଟଣାର ତଦନ୍ତ ହୋଇଥିବା ଜଣାପଡିଛି।

ଆସାମରେ ଗୋଟିଏ ଦିନରେ ସର୍ବାଧିକ ୧୨୦୨ କରୋନା ପଜିଟିଭ

ଗୌହାଟୀ,୫।୭ (ନି.ପ୍ର): ଆସାମରେ ଏବେ ସୁଦ୍ଧା ଗୋଟିଏ ଦିନରେ ସର୍ବାଧିକ କରୋନା ସଂକ୍ରମିତ ସଂଖ୍ୟା ସାମନାକୁ ଆସିଛି । ଏହି ସଂଖ୍ୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାର ଯେଉଁ ପନ୍ଥା ଗ୍ରହଣ କରିଛନ୍ତି ଭବିଷ୍ୟତରେ କରୋନାକୁ ରୋକିବା କଷ୍ଟକର ବ୍ୟାପାର । ଆସାମର ଗତ ୨୪ ଘଂଟାରେ ୧୨୦୨ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ୪୧୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ନୂଆ ୧୨୦୨ ସଂକ୍ରମିତ ମଧ୍ୟରୁ କେବଳ ୭୭୭ ଜଣ ଗୌହାଟିରୁ ଚିହ୍ନଟ ହୋଇଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ଶନିବାର ରାତିରେ ଟ୍ୱିଟ୍ କରି କହିଛନ୍ତି ଯେ, ରାଜ୍ୟରେ ଏବେ ସୁଦ୍ଧା ସର୍ବାଧିକ ୧୨୦୨ ନୂଆ କରୋନା ରୋଗୀ ଚିହ୍ନଟହୋଇଛନ୍ତି । ଅନ୍ୟ ଏକ ଟ୍ୱିଟ୍ ରେ କହିଛନ୍ତି ଯେ, ୪୧୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସମସ୍ତ ରାଜ୍ୟବାସୀଙ୍କୁ ସତକର୍ତ୍ତାର ସହିତ ରହିବାକୁ ଆହ୍ୱାନ କରିଛନ୍ତି । ରାଜ୍ୟରେ କରୋନା ସଂକ୍ରମିତଙ୍କ ମୋଟ ସଂଖ୍ୟା ୧୧,୦୦୧ରେ ପହଂଚିଛି । ସେଥିରୁ ୬୭୪୩ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ୪୨୪୧ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏବେ ସୁଦ୍ଧା ରାଜ୍ୟରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ବାହାରକୁ ଯାଇଛନ୍ତି । ଗୌହାଟି ସହିତ ରାଜ୍ୟର ଯେଉଁ ସ୍ଥାନରେ ଅଧିକ ସଂକ୍ରମଣ ବଢୁଛି ତାକୁ ନଜରରେ ରଖି ରାଜ୍ୟ ସରକାର ୨୮ ଜୁନ ମଧ୍ୟ ରାତ୍ରରୁ ଗୌହାଟୀରେ ୧୪ ଦିନ ପାଇଁ ଲକଡାଉଡ଼ ଲାଗୁ କରିଛନ୍ତି । ଆଗାମୀ ୬ ଏବଂ ୭ ଜୁଲାଇକୁ ଲକ୍‌ଡାଉନରୁ କିଛିଟା ରିହାତି ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି ।

ମୟୂରଭଂଜ ଜିଲ୍ଲାରେ ଭାଜପା ନେତା ମାନଙ୍କର କରୋନା କଟକଣା ଉଲଂଘନ ନେଇ ଅଭିଯୋଗ

ଆଦିବାସୀ ଜାଗରଣ ମଂଚ ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କଠାରେ ଅଭିଯୋଗ ହୋଇଥିବାର ସୂଚନା

ବାରିପଦା ,୫।୭ (ନି.ପ୍ର): କରୋନା ମହାମାରୀ ସାରା ବିଶ୍ୱରେ ନିଜର କାୟା ବିସ୍ତାର କରିଥିବା ବେଳେ ଓଡିଶା ତଥା ମୟୂରଭ ଜିଲ୍ଲାରେ ମଧ୍ୟ ଦିନକୁ ଦିନ ସଂକ୍ରମଣର ସ୍ଥିତି ସଙ୍ଗୀନ ହେବାକୁ ଯାଉଛି । ଓଡିଶାରେ ଆଜିସୁଦ୍ଧା ୮୬୦୧ ଜଣ ବ୍ୟକ୍ତି ସଂକ୍ରମିତ ହୋଇଥିବା ବଳେ ୩୪ ଜଣଙ୍କ ଜୀବନ ଗଲାଣି । ମୟୂରଭରେ ମଧ୍ୟ ୨୫୩ ଜଣ ସଂକ୍ରମିତ ହୋଇ ସାରିଲେଣି । ତେବେ ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ମାନେ କରୋନା ସଂକ୍ରମଣର ଚେନକୁ ଭାଙ୍ଗିବା ପାଇଁ ସରକାର ଜାରୀ କରିଥିବା ସାମାଜିକ ଦୂରତା ନିୟମକୁ ଭଙ୍ଗ କରି ଚର୍ଚ୍ଚାର ପରିସରକୁ ସୋସିଆଲ ମିଡିଆରେ



ଆସୁଥିବାର ଦେଖାଯାଉଛି । ଆଜି ଆଦିବାସୀ ଜାଗରଣ ମଂଚ ପକ୍ଷରୁ ସଭାପତି ରାହୁଲ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୟୂରଭ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଜିଲ୍ଲାର ଭାଜପା ନେତା ଯଥା ସାଂସଦ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଡେଇ, ସାରସକଣା ବିଧାୟକ ଡାଃ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଂଟିଆ ତଥା ଅନ୍ୟାନ୍ୟ ନେତା ଓ କର୍ମକର୍ତା ମାନେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକ୍ରମ ତଥା ସଭା ସମିତି କରି ସାମାଜିକ ଦୂରତା ନିୟମ ଭଙ୍ଗ କରୁଥିବାର ସୋସିଆଲ ମିଡିଆରେ ଫୋଟ ଓ ଭିଡିଓ ଭାଇରାଲ ହେବା ସହିତ ବିଭିନ୍ନ ସମ୍ବାଦପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି ବୋଲି ଆଦିବାସୀ ଜାଗରଣ ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି । ପ୍ରମାଣ ସ୍ୱରୁପ ଭାଜପା ନେତା ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସୋସିାଲ ମିଡିଆରେ ଭାଇରାଲ ହୋଇଥିବା ଫୋଟ ଓ ଭିଡିଓ ମଧ୍ୟ ଦାଖଲ କରାଯାଇଥିବାର ଜଣାଯାଇଛି । ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ ଜଣାଇଛନ୍ତି ଆଦିବାସୀ ଜାଗରଣ ମଂଚର ସଭାପତି ରାହୁଲ ହେମ୍ବ୍ରମ ।

ନୀଳଗିରିରେ ନୂତନ ଅଟୋ ମହାସଂଘ ଗଠନ

ନୀଳଗିରି,୫।୭ (ନି.ପ୍ର): ସମ୍ପ୍ରତି କରୋନା ମହାମାରୀର କରାଳ ଛାୟା ସର୍ବତ୍ର ବିସ୍ତାର କରିଥିବା ସମୟରେ ଯାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟରୁ ନୀଳଗିରି ଦୁର୍ଗା ମଣ୍ଡପ ଅଟୋରିକ୍ସା ଷ୍ଟାଣ୍ଡ ଏବଂ ବସଷ୍ଟାଣ୍ଡ ଅଟୋରିକ୍ସା ଚାଳକ ଏବଂ ମାଲିକ ମାନଙ୍କୁ ନେଇ ନୀଳଗିରି ଅଟୋରିକ୍ସା ମହାସଂଘ ପ୍ରତିଷ୍ଠା ହୋଇଯାଇଛି । ମହାସଂଘର ନିଷ୍ପତି ଅନୁସାରେ ୫୦ ଜଣ ସଂଘର ସଦସ୍ୟ ପଞ୍ଜିକରଣ କରାଯାଇ ନୂତନ କାର୍ଯ୍ୟକର୍ତା ଚୟନ କରାଯାଇଛି । ସଭାପତି ତାପସ କୁମାର ପରିଡା, ସମ୍ପାଦକ ଅନନ୍ତ ଦାସ, ଉପସଭାପତି ସଚିନ୍ଦ୍ର ପତି, ସହ ସମ୍ପାଦକ ଘନଶ୍ୟାମ ବେହେରା, କୋଷାଧକ୍ଷ ତଥା ଆଇନ ପରାମର୍ଶ ଦାତା କରୁଣାକର ସ୍ୱାଇଁ ଙ୍କୁ ଚୟନ କରାଯାଇଛି । ମହା ସଂଘର ନିଷ୍ପତି ଅନୁଯାୟୀ ଯାତ୍ରୀ ମାନଙ୍କୁ ସୁରକ୍ଷା ସହିତ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ନିଷ୍ପତି ନିଆଯାଇଛି ।

ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୯୮

ଜୁଲାଇ ଶେଷ ସୁଦ୍ଧା ସଂକ୍ରମଣ ଆଶାତୀତ ବୃଦ୍ଧି ଆଶଙ୍କା

ବାଲେଶ୍ୱର,୫।୭ (ନି.ପ୍ର): ଦିନକୁଦିନ ଦେଶରେ କ୍ଷୀପ୍ର ଗତିରେ ବଢ଼ି ଚାଲିଥିବା କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଦେଶର କରୋନା ସଂକ୍ରମିତଙ୍କ ସଂଖ୍ୟା ୬ଲକ୍ଷ ୭୦ ହଜାର ଟପିଥିବା ବେଳେ ଓଡ଼ିଶାରେ ମଧ୍ୟ ଅନୁରୂପ ଭାବେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଆଜି ଚିହ୍ନଟ ହୋଇଥିବା ୪୬୯ଜଣ ନୂଆ ପଜିଟିଭଙ୍କ ସମେତ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା୯,୦୭୦ରେ ପହଞ୍ଚିଛି । ସେହିଭଳି ଧିରେ ଧିରେ କରୋନା ରୋଗୀଙ୍କ ମୃତ୍ୟୁ ବି ବଢ଼ିବାରେ ଲାଗିଛି । ଆଜି ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୩୬ରେ ପହଞ୍ଚିଛି । ସେହିଭଳି ଆଜି ୨୯୦ ଜଣଙ୍କ ସମେତ ରାଜ୍ୟରେ ଅଦ୍ୟାବଧି ୬ଲକ୍ଷ୨୨୪ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏବେ ୨,୮୦୦ ଜଣଙ୍କୁ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଅନୁରୂପ ଭାବେ ବାଲେଶ୍ୱରରେ ଆଜି ୮ ଜଣ ନୂଆ ପଜିଟଭ୍ ଚିହ୍ନଟ ପରେ ଜିଲ୍ଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୯୮ରେ ପହଞ୍ଚିଛି । ଆଜି ୧୫ ସୁସ୍ଥ ହୋଇଥିବା ୧୫ ଜଣଙ୍କୁ ମିଶାଇ ବାଲେଶ୍ୱର ଜିଲ୍ଲାରେ ଅଦ୍ୟାବଧି ମୋଟ ୩୨୪ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ୭୨ ଜଣ ଏକ୍ଟିଭ୍‌ଙ୍କୁ କୋଭିଡ ହସପିଟାଲରେ ଚିକିତ୍ସା କରାଯାଉଛି । ଚଳିତ ଜୁଲାଇ ଓ ଆସନ୍ତା ଅଗଷ୍ଟ ମାସରେ ବାଲେଶ୍ୱର ସମେତ ରାଜ୍ୟର କରୋନା ସଂକ୍ରମଣ ଆଶାତୀତ ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ବଧ୍ୟ ବଢ଼ିବା ନେଇ ଆଶଙ୍କା ଦେଖାଯାଇଛି । ଏଭଳି ସ୍ଥିତିରେ ସଂକ୍ରମଣ ରୋକିବା ଓ ଗୋଷ୍ଠୀ ସଂକ୍ରମଣ କରାଇ ନ ଦେବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ବ୍ୟବହାର ନିମନ୍ତେ ସବୁ ମହଲରୁ ଗୁରୁତ୍ୱ ଦିଆଯାଉଛି ।

ଭୁବନେଶ୍ୱରରୁ ୧୯ କରୋନା ଆକ୍ରାନ୍ତ ଚିହ୍ନଟ: ସୁସ୍ଥ ହେଲେ ୨୩

ଭୁବନେଶ୍ୱର,୫।୭ (ନି.ପ୍ର): ଭୁବନେଶ୍ୱରରୁ ରବିବାର ଆଉ ୧୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୯ ଆକ୍ରାନ୍ତଙ୍କ ମଧ୍ୟରୁ ୯ ଜଣ କ୍ୱାରେଂଟାଇନ୍‌ରେ ଥିଲେ। ସେହିପରି ୮ ଟି କେସ୍ ଲୋକାଲ୍ କଂଟାକ୍ଟ କେସ୍ ମଧ୍ୟ ଚିହ୍ନଟ ହୋଇଛନ୍ତି। ସେହିଭଳି କଳ୍ପନା ଛକ ନିକଟସ୍ଥ ଏକ ସରକାରୀ ଅଫିସ୍ ର ୨ ଜଣ କରୋନା ଯୋଦ୍ଧା ମଧ୍ୟ ଏଥିରେ ଅଛନ୍ତି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୩୩କୁ ବୃଦ୍ଧି ପାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। କ୍ୱାରେଂଟାଇନ୍ ମାମଲା ମଧ୍ୟରେ ସାମନ୍ତରାପୁର ନିକଟସ୍ଥ ନୂଆଗାଁର ଦୁଇଜଣ ମହିଳା (୧୯ ଓ ୮୦ ବର୍ଷ) ରହିଛନ୍ତି। ସେହିପରି ୨ ଟି ଘରୋଇ ହସପିଟାଲର ୪ ଜଣ କର୍ମଚାରୀ (୨୯ ,୩୨ ବର୍ଷ ପୁରୁଷ ଓ ୨୭,୪୬ ବର୍ଷର ମହିଳା),କେନ୍ଦ୍ରୀୟ ସରକାରୀ ହସ୍ପିଟାଲର ୨୯ ବର୍ଷର ମହିଳା କର୍ମଚାରୀ ରହିଛନ୍ତି। ଏମାନେ ସମସ୍ତେ ପୂର୍ବ .ପଜିଟିଭ୍ ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେହିପରି ଫଂଜାବରୁ ଫେରିଥିବା ପାହାଳ ପୋଲିସ୍ ଷ୍ଟେସନ୍ ନିକଟରୁ ଜଣେ ୩୨ ବର୍ଷରୁ ପୁରୁଷ ଏବଂ କୋଲକାତାରୁ ଫେରିଥିବା ବରମୁଣ୍ଡା ବସଷ୍ଟାଣ୍ଡ ନିକଟର ୪୮ ବର୍ଷୀୟ ପୁରୁଷ ମଧ୍ୟ ପଜିଟିଭ୍ ବାହାରିଛନ୍ତି। ସେହିପରି ୮ ଲୋକାଲ୍ କଂଟାକ୍ଟ କେସ୍